ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK  पर्यवेक्षक

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.201, Bhubaneswar Tuesday, September 17, 2019 | ୨୨ତମ ବର୍ଷ | ସଂଖ୍ୟା–୨୦୧ | ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭, ୨୦୧୯ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS

## ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଘେରିଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୬।୯(ପି.ଏନ): ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି । ୧୦ ଦଫା ଦାବି ପୂରଣ ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନଥିବାରୁ ଏହାର ପ୍ରତିବାଦରେ ସୋମବାର ଉତ୍କଳ ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟକୁ ଧଶେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ସେଠାରେ ମୁତୟନ ପୋଲିସ୍ କର୍ମଚାରୀ ସେମାନଙ୍କୁ ଅଟକାଇଥିଲେ । ଫଳରେ ଛାତ୍ରଛାତ୍ରୀ ଓ ପୋଲିସ୍ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ହଷ୍ଟେଲ୍ ମରାମତି, ପାଚେରୀ ନିର୍ମାଣ ଏବଂ ଆଲୋକ ବ୍ୟବସ୍ଥାର ମରାମତି ନ ହେବା ଯାଏଁ ଧର୍ମଘଟ ଚାଲୁ ରହିବ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି । ବିଶ୍ୱ ବିଦ୍ୟାଳୟ ପରିସର ମଧ୍ୟରେ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୪ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଛି । ଘଟଣାସ୍ଥଳରେ ଡିସିପି ପହଂଚି ଛାତ୍ରନେତାଙ୍କ ସହ ଆଲୋଚନା କରିଛନ୍ତି । ଛାତ୍ରଛାତ୍ରୀ ଦାବି କରିଛନ୍ତି ଯେ ବର୍ତ୍ତମାନର ମୁଖ୍ୟ ଫାଟକକୁ ପ୍ରସ୍ଥାନ ଫାଟକ କରାଯିବା ସହ ରାଜା ହୋଟେଲ ପାଖରେ ନୂଆ ପ୍ରବେଶ ଫାଟକ କରାଯାଉ । ବର୍ତ୍ତମାନର ମୁଖ୍ୟ ଫାଟକ ସାମନାରେ ଜାତୀୟ ରାଜପଥର ଓଭର ବ୍ରିଜ ହୋଇଥିବାରୁ ଛାତ୍ରଛାତ୍ରୀ, ଅଧ୍ୟାପକ, ପ୍ରାଧ୍ୟାପକ ଏବଂ ବିଶ୍ୱବିଦ୍ୟାଳୟ କର୍ମଚାରୀ ରଙ୍ଗ ରୁଟ୍‌ରେ ଆସୁଛନ୍ତି ଯ ଫଳରେ ବାରମ୍ବାର ଦୁର୍ଘଟଣାର ଶିକାର ହେବାକୁ ପଡୁଛି । ଏଥିସହ ସବୁ ବିଭାଗର ପରୀକ୍ଷା ଗୋଟିଏ ସମୟରେ କରିବାକୁ ଦାବି ହୋଇଛି । ଅନ୍ୟପକ୍ଷରେ ଛାତ୍ରାବାସ ଓ ଛାତ୍ରୀନିବାସରେ ଅବ୍ୟବସ୍ଥାକୁ ନେଇ ମଧ୍ୟ ଉତେଜନା ପ୍ରକାଶ ପାଇଛନ୍ତି । ଅପରପକ୍ଷରେ ଛାତ୍ର ଆନ୍ଦୋଳନ ଫଳରେ ଆଜି ସମସ୍ତ ବିଭାଗର ପାଠ ପଢା ବନ୍ଦ ରହିଛି ।

## ଆନ୍ଧ୍ରପ୍ରଦେଶର ପୂର୍ବତନ ବାଚସ୍ପତିଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ୍, ୧୬।୯(ପି.ଏନ): ଆନ୍ଧ୍ରପ୍ରଦେଶର ପୂର୍ବତନ ବାଚସ୍ପତି ତଥା ତେଲୁଗୁ ଦେଶମ୍ ପାର୍ଟିର ବରିଷ୍ଠ ନେତା କୋଡେଲା ଶିବା ପ୍ରସାଦ ରାଓଙ୍କର ସୋମବାର ପରଲୋକ ଘଟିଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ଆତ୍ମହତ୍ୟା ଉଦ୍ୟମ କରିବା ପରେ ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ବାଚସ୍ପତି ଶିବା ପ୍ରସାଦଙ୍କ ଉପରେ ୱାଇଏସଆର କଂଗ୍ରେସ ସରକାର ଭ୍ରଷ୍ଟାଚାର ଅଭିଯୋଗ ଆଣିଥିଲା । ତାଙ୍କ ବିରୁଦ୍ଧରେ ବିଧାନସଭାରୁ ଫର୍ଣ୍ଣିଚର ଚୋରି ହେବା ଭଳି ଅଭିଯୋଗ ଆସିଥିଲା ।

## ଦାୟିତ୍ୱ ଗ୍ରହଣ କଲେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଉପଦେଷ୍ଟା ଅନୁଭବ ପଟ୍ଟନାୟକ



ଭୁବନେଶ୍ୱର, ୧୬।୯(ପି.ଏନ): ଇଲେକ୍‌ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ବିଭାଗର ଉପଦେଷ୍ଟା ଭାବେ ଶ୍ରୀ ଅନୁଭବ ପଟ୍ଟନାୟକ ସୋମବାର ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭାଗୀୟ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ଉପଦେଷ୍ଟା ଶ୍ରୀ ପଟ୍ଟନାୟକଙ୍କୁ ବିଭାଗ ପକ୍ଷରୁ ସ୍ୱାଗତ ଜଣାଇବା ସହ ବିଭିନ୍ନ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ ।ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବା ସହ ସରକାର ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି ତାହାକୁ ସେ ସଠିକ୍ ଭାବେ ନିର୍ବାହ କରିବେ ବୋଲି ଉପସ୍ଥିତ ଗଣମାଧ୍ୟମକୁ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ୫ 'ଟି'କୁ ମୂଳମନ୍ତ୍ରକୁ ଭାବେ ଗ୍ରହଣ କରି ସବୁ ବିଭାଗ ସହ ସୂଚନା ଓ ପ୍ରଯୁକ୍ତିକୁ ଯୋଡ଼ିବା ଲକ୍ଷ୍ୟକୁ ଖୁବ୍ ଶୀଘ୍ର ପୂରଣ କରାଯିବ । ଆଇଟି କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ସମସ୍ତ ସରକାରୀ କାଯର୍‌ୟରେ ଟେକ୍‌ନୋଲୋଜିର ବହୁଳ ବ୍ୟବହାର ଏବଂ 'ମୋ ସରକାର' ବ୍ୟବସ୍ଥାରେ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗର କିପରି ଅଧିକ ଭାଗୀଦାରି ରହିବ ସେ ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ସୂଚନା ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ଯୁଗ୍ମ ସଚିବ ଶ୍ରୀ ଆଦିତ୍ୟ ମହାପାତ୍ର, ଉପସଚିବ ଶ୍ରୀ ଲକ୍ଷ୍ମୀପ୍ରସାଦ ଭୂୟାଁ ଓ ଶ୍ରୀ ବିଚିତ୍ର ମିଶ୍ର ଏବଂ ଓକାକର ଜେନେରାଲ୍ ମ୍ୟାନେଜର ମଧୁମିତା ରଥ ଓ ପ୍ରଶାସନିକ ଅଧିକାରୀ ଶ୍ରୀ ପ୍ରବୋଧ ରାଉତ ପ୍ରମୁଖଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଓଲଟିଲା ବସ୍ : ୧୨ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

କେନ୍ଦୁଝର, ୧୬।୯(ପି.ଏନ): କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଘାଟିରେ ଏକ ବିଜୁ ଗାଁ ବସ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିବା ଫଳରେ ୧୨ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରେ ୫ଜଣ ମହିଳା ରହିଛନ୍ତି । ସମସ୍ତଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ବସ୍ ଟି ପ୍ରାୟ ୩୦ ଜଣ ଯାତ୍ରୀଙ୍କୁ ନେଇ ଆଜି କେନ୍ଦୁଝରରୁ କାରଦାଙ୍ଗି ଅଭିମୁଖେ ଆସୁଥିଲା । କାଞ୍ଜିପାଣି ଘାଟିରୁ ବସ୍ ଟି ତଳକୁ ଗଡୁଥିବା ବେଳେ ହଠାତ୍ ଏହାର ବ୍ରେକ୍ ଫେଲ୍ ହୋଇଯାଇଥିଲା । ଡ୍ରାଇଭର ବସ୍ ଟିକୁ ଅଟକାଇବାକୁ ବହୁ ଚେଷ୍ଟା କରିଥିଲେ ସୁଦ୍ଧା ବସ୍ ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା ।

## ଟ୍ରାକ୍ଟର ଚାପାରେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ, ଉତ୍ତେଜନା

ଗଞ୍ଜାମ, ୧୬।୯(ପି.ଏନ): ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ ବଡ଼ପଙ୍କଳବାଡିଗାଁରେ ଟ୍ରାକ୍ଟର ଚାପାରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରଙ୍କ ନାମ ପପୁ ପ୍ରଧାନ (୧୨) । ସେ ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ବିଦ୍ୟାଳୟକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଯାହାକୁ ନେଇ ସେଠାରେ ପ୍ରବଳ ଉତେଜନା ପ୍ରକାଶ ପାଇଥିଲା । ଘଟଣା ପରେ ଡ୍ରାଇଭର ସେଠାରୁ ଫେରାର୍ ହୋଇଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ଛାତ୍ରଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରଟିକୁ ଜବତ କରିଛି । ଏ ସଂକ୍ରାନ୍ତରେ ପୋଲିସରା ଥାନା ପକ୍ଷରୁ ୧୯୧/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ସୁନ୍ଦରଗଡ଼ ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪୧ ଛୁଇଁଲା

ସୁନ୍ଦରଗଡ଼, ୧୬।୯(ପି.ଏନ): ସୁନ୍ଦରଗଡ଼ ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲାରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪୧ ରେ ପହଂଚିଛି । ସେମାନଙ୍କ ମଧ୍ୟରୁ ୩୧ ଜଣଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିବା ବେଳେ ଦୁଇ ଜଣଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଏବେ ଘରକୁ ଫେରିଛନ୍ତି । ତେବେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାଁନ୍ତି । ସୂଚନାଯୋଗ୍ୟ, ଗତକାଲି ସୁଦ୍ଧା ୩୦ ଜଣ ଡେଙ୍ଗୁ ଆକ୍ରାନ୍ତ ଥିଲେ । ତେବେ ସଂନ୍ଧ୍ୟାରେ ୪୫ ଜଣଙ୍କ ରକ୍ତ ନମୂନା ପରୀକ୍ଷାରୁ ୧୧ ଜଣଙ୍କର ରିପୋର୍ଟରୁ ଡେଙ୍ଗୁ ପଜିଟିଭ୍ ବାହାରିଥିଲା । ଫଳରେ ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪୧ ରେ ପହଂଚିଛି । ସେମାନଙ୍କ ମଧ୍ୟରେ କେବଳ କୁତ୍ରାର ଖତକୁରବାହାଲର ୩୯ ଜଣ ଅଛନ୍ତି । ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଜଣେ ମସଜିଦପଡାର ଏବଂ ଆଉ ଜଣେ ବୀରମିତ୍ରପୁର ଅଂଚଳର ବୋଲି ଜଣାପଡିଛି ।

## ସମବାୟ ମନ୍ତ୍ରୀଙ୍କ ଓଡ଼ିଶା ରାଜ୍ୟ କୋଅପରେଟିଭ ୟୁନିୟନ ଏବଂ ଓପୋଲଫେଡ କାର୍ଯ୍ୟାଳୟ ଅଚାନକ ଗସ୍ତ

ଭୁବନେଶ୍ୱର, ୧୬।୯(ପି.ଏନ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଅପରାହ୍ନରେ ଓଡ଼ିଶା ରାଜ୍ୟ କୋଅପରେଟିଭ ୟୁନିୟନ ଅଚାନକ ପରିଦର୍ଶନ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ କାର୍ଯ୍ୟାଳୟ ବୁଲି ଦେଖିବା ସହ ଉପସ୍ଥାନ ଯାଂଚ କରିଥିଲେ । କାର୍ଯ୍ୟାଳୟରେ ମୋଟ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ଓ ଖାଲି ପଡ଼ିଥିବା ପଦବୀ ସମ୍ପର୍କରେ ପଚାରି ବୁଝିବା ସହିତ ଗସ୍ତ ସମୟରେ ଅନୁପସ୍ଥିତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରିଦର୍ଶନ ସମୟରେ ୨୦୧୮–୧୯ ବର୍ଷରେ ୟୁନିୟନ କି କି କାର୍ଯ୍ୟ କରିଛି ପଚାରି ବୁଝିବା ସହ ୨୦୧୯–୨୦ ବର୍ଷ ନିମନ୍ତେ କେଉଁସବୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଏଥିସହିତ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ଅର୍ଥ ପ୍ରଦାନ କରାଯାଇଛି ଏବଂ ସେଥିମଧ୍ୟରୁ କେତେ ବିନିଯୋଗ ହୋଇଛି ପଚାରି ବୁଝିଥିଲେ । ୟୁନିୟନ ତରଫରୁ ସମବାୟ ସମାଚାର ଓ କଲ୍ୟାଣୀ ପତ୍ରିକା ନିୟମିତ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ରାଜ୍ୟ ସରକାରଙ୍କ ୫ ଟି ସୂତ୍ରକୁ କଡ଼ାକଡ଼ି ଭାବେ ପାଳନ କରି ସରକାରୀ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଏହାପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଲକ୍ଷ୍ମୀସାଗର ସ୍ଥିତ ଓପୋଲୋଫେଡ କାର୍ଯ୍ୟାଳୟ ଗସ୍ତ କରିଥିଲେ । ଗସ୍ତ ସମୟରେ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ସଂଖ୍ୟା ଓ ଉପସ୍ଥାନ ଯାଂଚ କରିଥିଲେ । ମନ୍ତ୍ରୀଙ୍କ ଗସ୍ତ ସମୟରେ କାର୍ଯ୍ୟାଳୟର ୨୬ ଜଣଙ୍କ ମଧ୍ୟରୁ ୧୧ଜଣ କର୍ମଚାରୀ ଅନୁପସ୍ଥିତ ଥିବା ଦେଖି ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟାଳୟ ସମୟ ମଧ୍ୟରେ ନିୟମିତ ଉପସ୍ଥିତ ରହି କାର୍ଯ୍ୟ କରିବା ପାଇଁ ତାଗିଦ କରିଥିଲେ । ଓପୋଲୋଫେଡର ବାର୍ଷିକ ବଜେଟ୍ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପଚାରି ବୁଝିବା ସହିତ ଏହାର କାର୍ଯ୍ୟକ୍ରମ ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲେ । ଓପୋଲୋଫେଡ଼କୁ ଅଧିକ ସୁଦୃଢ଼ ଏବଂ ଜନସାଧାରେଣଙ୍କ ଦ୍ୱାରା କିପରି ଅଧିକ ଆଦୃତ ହୋଇପାରିବ ସେ ସମ୍ପର୍କରେ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ରାଜ୍ୟ ସରକାରଙ୍କ ୫ ଟି ସୂତ୍ରକୁ ନିଷ୍ଠାର ସହ ଅନୁପାଳନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଋଣ ଭାରରେ ଅତିଷ୍ଠ ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

ଟିଟିଲାଗଡ଼, ୧୬।୯(ପି.ଏନ): ଋଣ ଭାରରେ ଅତିଷ୍ଠ ଜଣେ ଚାଷୀ ମାନସିକ ଭାରସାମ୍ୟ ହରାଇ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି ବଲାଙ୍ଗିର ଜିଲ୍ଲାରେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏନେଇ ଅଧିକ ତଦନ୍ତ ଚଳାଇଛି ।ଟିଟିଲାଗଡ଼ ଥାନା ଦୋର୍ଲ୍ଲୋ ଗ୍ରାମର ଘାସିରାମ ମାଝୀ ନାମମାତ୍ର ଚାଷୀ । ସେ ବିଭିନ୍ନ ଗ୍ରୁପ୍ ଓ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଋଣ କରି ଜମି କିଣିଥିଲେ । ଋଣ ଟଙ୍କା ପର୍ଯ୍ୟାୟ କ୍ରମେ ପରିଶୋଧ କରି ଆସୁଥିଲେ । କିନ୍ତୁ ଗତ କିଛି ମାସ ହେଲା ଏଥିରେ ଖିଲାପି କରିବା କାରଣରୁ ଋଣ ଟଙ୍କା ପରିଶୋଧ କରିବା ନେଇ ତାଙ୍କ ଉପରେ ବିଭିନ୍ନ ଆଡୁ ଚାପ ପଡୁଥିଲା । ଗ୍ରୁପ୍ ର ସଦସ୍ୟ ମାନେ ବାରମ୍ବାର ଆସି ଘାସିରାମଙ୍କୁ ଋଣ ଟଙ୍କା ମାଗୁଥିଲେ । ଏପରିକି ନିର୍ଦ୍ଧାରିତ ସମୟରେ ଋଣ ଟଙ୍କା ପରିଶୋଧ ନକଲେ ଘରଡ଼ିହ ଓ ଜମି ଜବତ କରିବାକୁ ଧମକ ଦେଉଥିବା ମୃତ ଘାସିରାମଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ।

## ସ୍ମାର୍ଟ ହେବ ବିଧାନସଭା ଗୃହ , ଲାଗିବ ୱାଇଫାଇ

ଭୁବନେଶ୍ୱର, ୧୬।୯(ପି.ଏନ): ବିଧାନସଭା ଗୃହ ଓ ଲବିର ଭିତର ପାର୍ଶ୍ୱର ପୁନଃନିର୍ମାଣ କରାଯିବ । ଏଥି ନିମନ୍ତେ ପୂର୍ତ ବିଭାଗର ଶାସନ ସଚିବଙ୍କ ଅଧକ୍ଷତାରେ ଏକ କମିଟି ଗଠନ ହେବ । ଏହି କମିଟିରେ ଅର୍ଥ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରତିନିଧି ସଦସ୍ୟ ରହିବେ ଓ ପୂର୍ତ ମୁଖ୍ୟଯନ୍ତ୍ରୀ (କୋଠାବାଡ଼ି) ସଭ୍ୟ–ଆବାହକ ଭାବେ କାର୍ଯ୍ୟ କରିବେ । ବିଧାନସଭା ଗୃହକୁ ସ୍ମାର୍ଟ କୋଠାରେ ପରିବର୍ତିତ କରାଯିବା ସହ ସ୍ଥାୟୀ ଆଲୋକମାଳାରେ ସଜ୍ଜିତ କରାଯିବ । ଏ ସଂପର୍କରେ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ ବିଭାଗକୁ କୁହାଯାଇଛି । ବିଧାନସଭା ପରିସରକୁ ଏନ୍‌ଆଇସି ସହାୟତାରେ ହାଇସ୍ପିଡ଼୍ ଇଂଟରନେଟ୍ ସଂଯୋଗ ସହ ୱାଇଫାଇ ସୁବିଧା ମଧ ଦିଆଯିବ । ବିଧାନସଭା ଗୃହ ଓ ଲବିର ପୁନରୁଦ୍ଧାର ସଂପର୍କିତ କମିଟିର ସଦସ୍ୟମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ସୋମବାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ତାଙ୍କ ବିଧାନସଭାସ୍ଥ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ/ ବିଧାୟିକାମାନଙ୍କ ବାସଗୃହ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରିବାକୁ ମଧ ଆଲୋଚନା କରାଯାଇଥିଲା । ବିଧାନସଭା ପକ୍ଷରୁ ପୂର୍ବତନ ବିଧାୟକ/ ବିଧାୟିକାଙ୍କ ବାସଗୃହ ଆବଂଟନ ରଦ୍ଦ କରାଯାଇ ଘର ଛାଡ଼ିବା ପାଇଁ ପତ୍ର ପ୍ରେରଣ କରାଯାଇଛି । ସେହି ଗୃହଗୁଡ଼ିକର ବିଦ୍ୟୁତ ଓ ପାଣି ସଂଯୋଗ ଯଥାଶୀଘ୍ର ବିଚ୍ଛିନ୍ନ କରିବାକୁ ସଂପୃକ୍ତ ବିଭାଗୀୟ ପଦାଧିକାରୀଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ ।
ଏହି ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା, ପୂର୍ତ ବିଭାଗର କମିଶନର ତଥା ଶାସନ ସଚିବ ଡ. କ୍ରିଷନ କୁମାର, ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଅର୍ଥ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ପି.କେ. ନନ୍ଦ, ମୁଖ୍ୟ ସ୍ଥପତି ଶ୍ରୀ ବିଶ୍ୱରଞ୍ଜନ ନାୟକ, ମୁଖ୍ୟଯନ୍ତ୍ରୀ (କୋଠାବାଡ଼ି) ଶ୍ରୀ ଏସ୍. ଆର୍. ସେଠୀ, ଏନ୍.ଆଇ.ସିର ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ଅଧିକାରୀ ପ୍ରତିଭା ସିଂହ, ବିଡିଏର ଅତିରିକ୍ତ କମିଶନର ଶ୍ରୀ ଏଚ୍.ସି. ନାୟକଙ୍କ ସମେତ ବିଭିନ୍ନ ବିଭାଗର ଉଚ୍ଚପଦାଧିକାରୀ ଉପସ୍ଥିତ ଥିଲେ ।

## ଆମ୍ବିଲିବେଡ଼ା ଡ଼ଙ୍ଗା ବୁଡ଼ି ଘଟଣା : ନିଖୋଜ ତିନି ଜଣଙ୍କ ମୃତଦେହ ଉଦ୍ଧାର

ମାଲକାନଗିରି, ୧୬।୯(ପି.ଏନ): ଚିତ୍ରକୋଣ୍ଡା ଜଳଭଣ୍ଡାରର ଆମ୍ବିଲିବେଡ଼ା ଠାରେ ଶନିବାର ଡ଼ଙ୍ଗା ବୁଡି ଘଟଣାରେ ଗତକାଲି ଜଣକର ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଆଜି ଅନ୍ୟ ତିନି ଜଣଙ୍କ ଶବ ଉଦ୍ଧାର ହୋଇଛି । ରବିବାର ଠାରୁ ସମ୍ପୃକ୍ତ ଅଂଚଳରେ ଜିଲ୍ଲା ପ୍ରଶାସନ ପହଂଚିଥିଲେ ସୁଦ୍ଧା ନିଖୋଜଙ୍କ ଶବ ମିଳିନଥିଲା । ଆଜି ସେହି ଆମ୍ବିଲିବେଡ଼ା ଘାଟକୁ ଓଡ୍ରାଫ ଟିମ୍ ଯାଇ ତଲାସୀ ଅଭିଯାନ ଚଳାଇବା ସହ ନିଖୋଜ ଅନ୍ୟ ୩ ଜଣଙ୍କ ଶବ ଉଦ୍ଧାର କରିଛନ୍ତି । ସମ୍ପୃକ୍ତ ତିନି ଜଣ ହେଲେ ମଙ୍ଗଳା ଗଲରି (୩୦) ଓ ତାଙ୍କର ଦୁଇ ଝିଅ ସାନାତା ଶିଶା (୧୨) ଏବଂ ଦୀପାଳି (୮ ମାସ) । ବାଲିମେଳା ଜଳଭଣ୍ଡାର ଅପରପାର୍ଶ୍ୱରେ ଥିବା ନଦୀ ଭିତରେ ଏହି ଦୁର୍ଘଟଣା ଘଟିଥିବାରୁ ସେଠାକୁ ବିଶେଷ କରି ଯାତାୟାତରେ ଅସୁବିଧା ରହିଛି । ଏଣେ ଜଳ ଭଣ୍ଡାର ମଧ୍ୟରେ ୧୫୦୭.୨ ଫୁଟ୍ ପାଣି ଭରି ରହିଛି । ଏ ସମ୍ପର୍କରେ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ସହ ଯୋଗାଯୋଗ କରିବାରେ ଆଜି ଘଟଣାସ୍ଥଳକୁ ଯାଇଥିବା କର୍ମଚାରୀମାନେ ଫେରିବା ପରେ ଏନେଇ ସଠିକ୍ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି । ପ୍ରକାଶ ଥାଉ କି, ଚିତ୍ରକୋଣ୍ଡା ପଚାଂୟତ ସମିତି ଅନ୍ତର୍ଗତ ବିଚ୍ଛିନ୍ନାଂଚଳ ଯନ୍ତ୍ରୀ ଗ୍ରାମପଚାଂୟତ ତୋଟାଗୁଡ଼ା ଗ୍ରାମର ଗୋଟିଏ ପରିବାରର ୪ ଜଣ ସନାଦେଇ ଗଲରି (୨୫), ସ୍ୱାମୀ ମଙ୍ଗଳା ଗଲରି ଏବଂ ତାଙ୍କର ଦୁଇ ଝିଅ ଝିଅ ଦୀପାଳି, ସାନାତା ଶିଶା ନାକାମାମୁଡି ଗ୍ରାମକୁ କୁଣିଆ ଭାବରେ ଯାଇ ପରବରେ ଭୋଜି ଖାଇ ସଂନ୍ଧ୍ୟାରେ ଫେରୁଥିଲେ ।

## ୭ ବର୍ଷର ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୧୦ ବର୍ଷ ଜେଲ ୧୫ ହଜାର ଜରିମାନା

କନ୍ଧମାଳ,୧୬।୯(ପି.ଏନ): ଆଜି ଫୁଲବାଣୀ ଅତିରିକ୍ତ ଜିଲା ଜର୍ଜ ଏବଂ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସମରବିଳାସ ବେହେରା ରାଇକିଆ ଥାନା ଅଂଚଳର ଏକ ୭ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣ କରି ଘଟଣାର ୧୩ ଜଣ ସାକ୍ଷୀଙ୍କ ବୟାନ ଡାକ୍ତରୀ ରିପୋର୍ଟ ଏବଂ ପିଡିତାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ମାନେନ୍ଦ୍ର ଦିଗାଲ(୫୦)କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୫ ହାଜର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡିବ । ଆଦାୟ ଜରିମାନା ଅର୍ଥକୁ ପିଡିତାଙ୍କୁ କ୍ଷତିପୁରଣ ବାବଦରେ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ବିଚାରପତି । ଘଟଣା ଅନୁସାରେ ଗତ ୧୬/୧୧/୨୦୧୬ ତାରିଖରେ ପିଡିତା ସ୍କୁଲରୁ ଆସି ପଡୋଶୀ ଘରକୁ ଟିଭି ଦେଖିବାକୁ ଯାଇଥିଲା । କିଛି ସମୟପରେ ଝିଅକୁ ଖୋଜିବାକୁ ତାର ମାଆ ସେଠାରେ ପହଂଚି ଦେଖିଲା ଝିଅ ନାହିଁ ତାକୁ ଖୋଜିଖୋଜି ଗାଁ ନିକଟରେ ଥିବା ନଦୀ ନିକଟକୁ ଯାଇଥିଲା । ବାଟରେ ବିପରୀତ ପଟରୁ ମାନେନ୍ଦ୍ର ଦିଗାଲ ଆସୁଥିବା ଦେଖି ତାକୁ ଝିଅ ବିଷୟରେ ପଚାରିଥିଲା । ମାନେନ୍ଦ୍ର ପିଡିତା ସହିତ ଜାଳକାଠ ସଂଗ୍ରହ କରିବାକୁ ମିଶିକରି ଯାଇଥିବା କହି ସେଠାରୁ ଚାଲିଯାଇଥିଲା । ତାପରେ ପିଡିତା ଆସି ତାର ମାଆକୁ ଜାବୁଡି ଧରିବାସହିତ କାନ୍ଦିଥିଲା । ମାଆ ତାକୁ କାନ୍ଦିବାର କାରଣ ପଚାରିବାରୁ ମାନେନ୍ଦ୍ର ଜେଜେ ତାକୁ ଡାକି ନେଇ ନଦୀକୂଳରେ ତାର ପ୍ୟାଣ୍ଟ ଖୋଲିବାସହିତ ଦୁଷ୍କର୍ମ କରିଥିବା ଏବଂ ଏହି ବିଷୟରେ କାହାକୁ ନକହିବାକୁ ଧମକ ଦେଇଥିବା କହିଥିଲା ମାଆକୁ । ଏହାପରେ ପିଡିତାର ମାଆ ୧୭/୧୧/୨୦୧୬ ତାରିଖରେ ରାଇକିଆ ଥାନାରେ ଏ ନେଇ ଏକ ଅଭିଯୋଗ କରିଥିଲା । ଅଭିଯୋଗ ମୁତାବକ ରାଇକିଆ ଥାନା ପୋଲିସ ଏକ ମାମଲା ୧୧୧/୧୬ ରୁଜୁ କରି ମାନେନ୍ଦ୍ର ଦିଗାଲକୁ ଗିରଫ କରି ତାକୁ କୋର୍ଟ ଚାଲାଣ କରିଥିଲା । ମାମଲାକୁ ପିଡିତାଙ୍କ ତରଫରୁ ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ ।

## କେନ୍ଦୁଝର ଜିଲ୍ଲାରେ ୪୨ ହଜାରରୁ ଉର୍ଦ୍ଧ୍ୱ କୋର୍ଟ ମାମଲା ଗଡୁଛି : ବିଚାରପତି ଓ କୋର୍ଟ ସଂଖ୍ୟା ବଢ଼ାଇବାକୁ ପ୍ରକାଶ ପାଉଛି ମତ

କେନ୍ଦୁଝର, ୧୬।୯(ପି.ଏନ): କେନ୍ଦୁଝର ଜିଲ୍ଲାର ବିଭିନ୍ନ କୋର୍ଟରେ ବହୁ ସଂଖ୍ୟାର ବିଚାରାଧିନ ମାମଲା ଦୀର୍ଘ ବର୍ଷ ଧରି ବିଚାର ନ ହୋଇ ପଡିରହିଛି । ବିଚାରପତିଙ୍କ ଅଭାବ ଏଥିପାଇଁ ମୁଖ୍ୟତଃ ଭାବେ ଦାୟୀ ବୋଲି ବିଚାର କରାଯାଉଛି । କେନ୍ଦୁଝର ଜିଲ୍ଲା ପାଇଁ ଅଧିକ ବିଚାରପତି ଆବଶ୍ୟକତା ଥିବାବେଳେ ଏଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉନଥିବା କାରଣରୁ ଦ୍ରୁତ ବିଚାର ପ୍ରକ୍ରୀୟା ବାଧାପ୍ରାପ୍ତ ହେଉଛି । ବର୍ତମାନ କାର୍ଯ୍ୟରତ ବିଚାରପତିଙ୍କ ସଂଖ୍ୟା ହିସାବକୁ ନେଲେ ବିଚାରଧିନ ମାମଲା ଗୁଡିକର ଫଇସଲା ପାଇଁ ଅନେକ ବର୍ଷ ଲାଗିଯିବ ବୋଲି ଆଇନଜୀବୀ ରତିରଞ୍ଜନ ବେହେରା ପ୍ରକାଶ କରିଛନ୍ତି । ସମଗ୍ର ଦେଶରେ ବିଭିନ୍ନ କୋର୍ଟରେ ଲକ୍ଷ ଲକ୍ଷ ସଂଖ୍ୟାରେ ମାମଲା ପଡି ରହିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ୨୦୧୯ ମସିହା ଜୁନ ମାସ ୩୦ ତାରିଖ ସୁଦ୍ଧା ପ୍ରାୟ ୪୨ ହଜାରରୁ ଉର୍ଦ୍ଧ୍ୱ ମାମଲା ବିଭିନ୍ନ କୋର୍ଟରେ ବିଚାରାଧିନ ଅବସ୍ଥାରେ ରହିଥିବା ଜଣାପଡିଛି । ଏହି ପୁରୁଣା ମାମଲା ଗୁଡିକୁ ତୁରନ୍ତ ସମାଧାନ ପାଇଁ ବିଶେଷ ବ୍ୟବସ୍ଥା ଯେପରିକି ଲୋକ ଅଦାଲତ, ଫାଷ୍ଟ ଟ୍ରାକ କୋର୍ଟ, ଆଦିରେ ଅଧିକ ବିଚାରପତି ନିଯୁକ୍ତ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅଧିକ କୋର୍ଟ ପ୍ରତିଷ୍ଠା କରି ମାମଲାର ଫଇସଲା କରିବା ପାଇଁ ବୁଦ୍ଧିଜୀବି ମହଲରେ ମତପୋଷଣ ହେଉଛି । କେନ୍ଦୁଝର କୋର୍ଟର ୱେବସାଇଟରୁ ମିଳିଥିବା ତଥ୍ୟ ମୁତାବକ କେନ୍ଦୁଝର ଜିଲ୍ଲାର ବିଭିନ୍ନ କୋର୍ଟମାନଙ୍କରେ ୨୦୧୯ ମସିହା ଜୁନ ୩୦ ତାରିଖ ସୁଦ୍ଧା ୪୨ ହଜାର ୪୫୫ ମାମଲା ବିଚାରଧିନ ଥିବା ବେଳେ ୧୦ ବର୍ଷରୁ ଉର୍ଦ୍ଧ୍ୱ ୩୮୬୩ ଟି କେଶ ରହିଛି । ୭୬୨ ଟି ମାମଲା ୫ ରୁ ୧୦ ବର୍ଷର ପୁରୁଣା ହୋଇଥିବା ବେଳେ ୩୦୯୬୪ ଟି ମାମଲା ୫ ବର୍ଷ ମଧ୍ୟରେ ରହିଛି । ଜିଲ୍ଲାରେ ଦେୱାନୀ ମକଦମା ୭୧୪୪ ଟି ରହିଥିବା ବେଳେ ସେଥିମଧ୍ୟରୁ ୩୩୧ ଟି ୧୦ ବର୍ଷରୁ ଅଧିକ ପୁରୁଣା ହୋଇଥିବା ୧୦୧୫ ଟି ସିଭିଲ କେଶ ଏବଂ ୫ ବର୍ଷରୁ ପୁରୁଣା ଅବଶିଷ୍ଟ ୫୭୯୮ ଟି ମାମଲା ୫ ବର୍ଷ ମଧ୍ୟରେ ବୋଲି ସୂଚନା ମିଳିଛି । ଜୁନ ମାସ ଶେଷ ସୁଦ୍ଧା ୭୮୩ ଟି ମୋଟର ଦୁର୍ଘଟଣା ମାମଲା ବା ଏମ ଏ ସିଟି ମାମଲା ରହିଥିବା ବେଳେ ସେଥିମଧ୍ୟରୁ ଗୋଟିଏ ମାମଲା ୧୦ ବର୍ଷରୁ ଅଧିକ ପୁରୁଣା ହୋଇଥିବା ବେଳେ ୫୩ ଟି ୫ ବର୍ଷର ପୁରୁଣା, ଅବଶିଷ୍ଟ ୭୨୯ ଟି ଏହି ଧରଣର କେଶ ରହିଥିବା ଜଣାପଡିଛି । ବିଭିନ୍ନ ମାଜିଷ୍ଟ୍ରେଟମାନଙ୍କ ନିକଟରେ ୨୦୧୯ ମସିହା ଏପ୍ରିଲ ୧ ତାରିଖଠାରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ୯୬୦ ଟି ମାମଲା ଆଗତ ହୋଇଥିବା ବେଳେ ପୁରୁଣା କେଶ ଭାବରେ ୨୦୭୦୦ ରହିଥିଲା । ତିନିମାସ ମଧ୍ୟରେ ୧୯୬ ମାମଲାର ଫଇସଲା ହୋଇଛି । ଏହି ଅବଧି ମଧ୍ୟରେ ଭିଜିଲାନ୍ସ ମାମଲା ୩ ଟି ଆସିଥିବା ବେଳେ ପୂର୍ବରୁ ୯୩ ଟି ରହିଥିଲା ଏବଂ ତିନି ମାସରେ ୩ ଟି ମାମଲାର ଫଇସଲା ହୋଇଛି । କେନ୍ଦୁଝର ଭିଜିଲାନ୍ସ କୋର୍ଟରେ ୨୦୧୯ ମସିହା ଜୁନ ୩୦ ତାରିଖ ସୁଦ୍ଧା ୯୩ ମାମଲା ବିଚାରଧିନ ଥିବା ବେଳେ ୧୦ ବର୍ଷରୁ ଉର୍ଦ୍ଧ ୨୬ ଟି ମାମଲା ରହିଛି । ୩୧ ଟି ମାମଲା ୫ ରୁ ୧୦ ବର୍ଷ ର ପୁରୁଣା ହୋଇଥିବା ବେଳେ ୩ ଟି ମାମଲା ୫ ବର୍ଷ ମଧ୍ୟରେ ରହିଛି । ଶିଶୁମାନଙ୍କ ଅପରାଧକୁ ନେଇ ଜୁଭେନାଇଲ କେଶ ୧୨୭ ଟି ରହିଥିବା ବେଳେ ଏପ୍ରିଲ ମାସ ଠାରୁ ଜୁନ ମାସ ମଧ୍ୟରେ ୧୭ ଟି ମାମଲା ଆସିଥିବା ସୁଚନାରୁ ମିଳିଛି । ପୁରୁଣା କେଶ ୧୨୭ ଟି ରହିଥିବା ବେଳେ ଏହି ସମୟ ମଧ୍ୟରେ ୧୮ଟି ମାମଲା ଫଇସଲା ହୋଇଛି । କେନ୍ଦୁଝର ଜିଲ୍ଲାରେ ଗୋଟିଏ ହେଲେ ବି ଇଲେକ୍ସି ମାମଲା ନଥିବା ବେଳେ ପକ୍‌ସୋ ଆଇନରେ ୪୦୯ ଟି ମାମଲା ରହିଛି । ବର୍ତମାନ କେନ୍ଦୁଝର ଜିଲ୍ଲାରେ ୨୩ ଜଣ ବିଚାରପତି କାର୍ଯ୍ୟ କରୁଥିବା ବେଳେ କେନ୍ଦୁଝର ଜିଲ୍ଲା ଜର୍ଜ କୋର୍ଟରେ ୧୩ ଜଣ, ଆନନ୍ଦପୁରରେ ଗ୍ରାମ୍ୟ ନ୍ୟାୟାଧିଶଙ୍କୁ ମିଶାଇ ୫, ଚମ୍ପୁଆରେ ୪ ଏବଂ ବଡବିଲରେ ଜଣେ ଜେଏମ୍‌ଏଫ୍‌ସି ବିଚାର କାର୍ଯ୍ୟ ପରିଚାଳନା କରୁଛନ୍ତି । ବିଚାରପତିମାନେ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ କରୁଥିଲେ ମଧ୍ୟ ମାମଲାର ସଂଖ୍ୟା ଦୃଷ୍ଟିରୁ ଅଧିକ କୋର୍ଟ ଖୋଲାଯିବା ସହ ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପାଇଁ ଅଧିକ ବିଚାରପତି ନିଯୁକ୍ତ ହେଲେ ସାଧାରଣରେ ରହିଥିବା 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' କଥାର ହୁଏତ ପରିବର୍ତନ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଲେ ଭୁଲ ରହିଲା ବା କେଉଁଠି ? ଏହାକୁ ସରକାର ଗୁରୁତର ଭାବେ ଗ୍ରହଣ କରି ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ନିହାତି ଆବଶ୍ୟକ ରହିଛି ।

## ପୁଣି ଚମ୍ପୁଆ ରେଞ୍ଜକୁ ଫେରିଲେ ହାତୀପଲ:ଭାଙ୍ଗିଲେ ଘର ଓ ପ୍ରାଚେରୀ:ଆତଙ୍କରେ ଅଂଚଳବାସୀ

କେନ୍ଦୁଝର,୧୬।୯(ପି.ଏନ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜରେ ହାତୀ ଆତଙ୍କର ଅନ୍ତ ଘଟିବାର ନାଁ ଧରୁନାହିଁ । ଏବେ ପୁଣି କିଛି ଦିନର ବ୍ୟବଧାନରେ ବଣୁଆ ହାତୀପଲ ଚମ୍ପୁଆ ରେଞ୍ଜକୁ ଫେରିଛନ୍ତି । ଏହି ହାତୀ ପଲରେ ୨୨ ଟି ଝାଡଖଣ୍ଡୀ ହାତୀ ରହିଛନ୍ତି । ଏହି ହାତୀପଲ ଏବେ ବର୍ଦ୍ଧନା ଜଙ୍ଗଲରେ ଡେରା ପକାଇଛନ୍ତି । ରବିବାର ଦିନ ବିଳମ୍ବିତ ରାତ୍ରୀରେ ହାତୀପଲ କରଞ୍ଜିଆ ରେଞ୍ଜରୁ ବୈତରଣୀ ନଦୀପାର ହୋଇ ନନ୍ଦପୁର ଗ୍ରାମକୁ ଧସେଇ ପଶିଛନ୍ତି ।

## କାଞ୍ଜିପାଣି ଘାଟିରେ ଓଲଟିଲା ଯାତ୍ରୀବାହୀ ବସ :୧୫ ଆହତ

କେନ୍ଦୁଝର,୧୬।୯(ପି.ଏନ): କେନ୍ଦୁଝର ଜିଲ୍ଲାର ଜିଲ୍ଲାର କାଶ୍ମିର ବୋଲି କୁହାଯାଉଥିବା କାଂଜିପାଣି ଘାଟିରେ ଯାତ୍ରା ବାହୀ ବସ ଓଲଟି ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସମସ୍ତ ଆହତ ଯାତ୍ରୀ ମାନଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରରେ ଭର୍ତି କରାଯାଇଛି । ବିଜୁ ଗାଁ ଯାତ୍ରୀବାହୀ ବସ ଟି କେନ୍ଦୁଝର ରୁ କରଦାଙ୍ଗି ଅଂଚଳକୁ ଯାଉଥିବା ବେଳେ ଠିକ୍ କାଞ୍ଜିପାଣି ଘାଟି ଉପରେ ବସଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । କାଞ୍ଜିପାଣି ଘାଟି ଓହ୍ଲାଇଲା ବେଳକୁ ଯାତ୍ରୀବାହୀ ବସ ଟିର ହଠାତ ବ୍ରେକ ଫେଲ ହୋଇଥିଲା । ଫଳରେ ବସଟି ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା । ବସରେ ଥିବା ଯାତ୍ରାମାନେ ଆହତ ହୋଇଥିଲେ ମଧ୍ୟ ସୁରକ୍ଷିତ ରହିଛନ୍ତି । କାଞ୍ଜିପାଣି ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଛନ୍ତି । ଅନ୍ୟ ପକ୍ଷରେ ବସ ଓଲଟି ଥିବା ରାସ୍ତାଟି ଜାତୀୟ ରାଜପଥ ର ମାନ୍ୟତା ହାସଲ କରିଥିଲେ ମଧ୍ୟ ଉକ୍ତ ରାଜପଥର ଅବସ୍ଥା ଅନେକ ସ୍ଥାନରେ ଯାତାୟତ ଉପଯୋଗୀ ହୋଇ ରହିନାହିଁ । ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ମାନ ଘଟିବା ସହ ଜନ ଧନ ହାନି ହେଉଅଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

## ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

## ଜିନ୍ସ୍ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ୍ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ୍ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡ଼ିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ୍ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

## ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବଶତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡେଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

## ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

## ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଟର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ପର୍ଯ୍ୟବେକ୍ଷକ ମହାନଗର

# ଓଡ଼ିଶା ବିପିୟୁଟି ଛାତ୍ରସଂଘର ତରଫରୁ ଇଞ୍ଜିନିୟର ଦିବସ ପାଳିତ




ଭୁବନେଶ୍ୱର, (ପିଏନ) : ଓଡ଼ିଶା ବିପିୟୁଟି ଛାତ୍ର ସଂଘ ତରଫରୁ ସ୍ଥାନୀୟ ବୁଦ୍ଧ ମନ୍ଦିର ପରସରରେ ଇଞ୍ଜିନିୟର ଦିବସ ପାଳନ କରାଯିବା ସହିତ ସଂଘର ୧୨ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ୨୦୧୯-୨୦ ବର୍ଷ ପାଇଁ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ବିଶାଳ ବିପିୟୁଟି ଛାତ୍ର ଶୋଭାଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଇଞ୍ଜିନିୟରମାନେ ହେଉଛନ୍ତି ରାଜ୍ୟ ଓ ଦେଶ ଗଠନରେ ଜଣେ ଜଣେ ବିଶ୍ୱକର୍ମା। ସମ୍ମାନିତ ଅତିଥିଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଦେଶ ଗଠନେର ଇଞ୍ଜିନିୟରମାନଙ୍କର ଭୂମିକା ଅତୁଳନୀୟ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବରେ ଭୁବନେଶ୍ୱର ମଧ୍ୟମ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଯୋଗଦେଇ ଇଞ୍ଜିନିୟରମାନେ ଏକାଠି ହେଲେ କାର୍ଯ୍ୟ କଲେ ଇଞ୍ଜିନିୟରିଂ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ଦୂରହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ହାଉସିଂବୋର୍ଡ଼ର ଚେୟାରମ୍ୟାନ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଚାକିରୀ ପଛରେ ନ ଗୋଡ଼ାଇ ମେକ୍ ଇନ୍ ଓଡ଼ିଶା ମାଧ୍ୟମରେ ନିଜେ କିପରି ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରିବେ, ସେ ଦିଗ ଉପରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ବିଜୁ ଯୁବ ଜନତା ଦଳରା ସଭାପତି ଅମରେଶ ପଟ୍ଟି ଯୋଗଦେଇ ଛାତ୍ରଛାତ୍ରୀମାନେ ନିଜସ୍ୱ ଉଦ୍ୟମରେ ଶୃଙ୍ଖଳିତ ଜୀବନ ଯାପନ କରିବା ସହିତ ନବ ନିର୍ମାଣ ଓଡ଼ିଶା ଗଠନରେ ଅଂଶୀଦାର ହେବା ପାଇଁ ପରାମର୍ଶ ଦେଇଥିଲେ। ବିସିଜେଡ଼ି ଛାତ୍ର ସଭାପତି ରାଣା ପ୍ରତାପ କହିଲେ ଯେ, ଯେତେଦିନ ପର୍ଯ୍ୟନ୍ତ ଭୂମି ଅଛି, ସେଦିନ ପର୍ଯ୍ୟନ୍ତ ଇଞ୍ଜିନିୟର ଅଛନ୍ତି। ଅକ୍ସଫୋର୍ଡ଼ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଅନୁମାଧବ ପଣ୍ଡା ଯୋଗ ଦେଇଥିଲେ। ଛାତ୍ରସଂଘର ମୁଖ୍ୟ ଉପଦେଷ୍ଟା ପାର୍ଥସାରଥୀ ମୁଦୁଲି ଦୀର୍ଘ ୧୨ ବର୍ଷ ଧରି ସଂଗଠନକୁ ଶୃଙ୍ଖଳିତ ଭାବେ ପରିଚାଳିତ କରିଅସୁଥିବା ବେଳେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ସମସ୍ୟା ଓ ଦାବିକୁ ସରକାରଙ୍କ ନିକଟରେ କିଭଳି ଭାବେ ଉପସ୍ଥାପିତ କରିଛନ୍ତି ସେ ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ସଂଗଠକ ଶକ୍ତିପ୍ରସାଦ ରଥ ସଭାପିତ୍ୱ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ସାଇ ନାରାୟଣ ବେହେରା। ପୂର୍ବତନ ସଭାପତି ସଂସଦ କୁମାର ନାୟକ, ସୁନିଲ୍ ମହାପାତ୍ର, ଅନମୋଲ କୁମାର, ମିଳନ ସାହାଣୀ, ଜ୍ୟୋତିରଞ୍ଜନ ଶତପଥୀଙ୍କ ସମେତ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ମହାନ୍ତିଙ୍କ ସମେତ ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଉପକୂଳ ଓଡ଼ିଶା ସହୁଛି ଜଳବାୟୁ ପରିବର୍ତନ ପ୍ରଭାବ ଜନିତ ଜ୍ୱାଳା

ଭୁବନେଶ୍ୱର, (ପିଏନ)- ବାଲେଶ୍ୱରରୁ ଗୋପାଳପୁର ଆଉ ପୁରୀରୁ କେନ୍ଦ୍ରାପଡ଼ା ଉପକୂଳ ଓଡ଼ିଶା ସହୁଛି ଜଳବାୟୁ ପରିବର୍ତନ ପ୍ରଭାବ ଜନିତ ଜ୍ୱାଳା। କେବେ ଅଂଶୁଘାତ ତ କେତେ ମହାବାତ୍ୟା ଉପକୂଳିଆ ଜନ ଜୀବନର ଅଶେଷ କ୍ଷତି ଘଟାଉଛି। ଖରାଦିନ ଲମ୍ବା ହେବାରେ ଲାଗିଛି ଓ ବର୍ଷାର ପ୍ରକାର ହ୍ରାସ ପାଇଛି। ପାଗରେ ପରିବର୍ତନ ଜନିତ ପ୍ରଭାବରେ ବିସ୍ଥାପନର ଦୁଃଖ ମଧ୍ୟ ଲଦି ହୋଇଯାଇଛି ବୋଲି ସ୍ଥାନୀୟ ଏକ ହୋଟେଲରେ ରିଜିଓନାଲ ସେଂଟର ଫର୍ ଡ଼େଭଲପମେଂଟ କୋଅପରେସନ (ଆରସିଡ଼ିସି) ପକ୍ଷରୁ ଆୟୋଜିତ ଉପକୂଳ ଓଡ଼ିଶାରେ ଜଳବାୟୁ ପରିବର୍ତନ ପ୍ରଭାବରେ ଲୋକଙ୍କ ଅବଧାରଣା 'ଭଏସ୍ ଫର୍ କୋଷ୍ଟାଲ ଡ଼ିଷ୍ଟ୍ରିକ୍ଟ ଅଫ୍ ଓଡ଼ିଶା' ଶୀର୍ଷକ କର୍ମଶାଳାରେ ମତପ୍ରକାଶ ପାଇଛି।

ପୂର୍ବତନ ବରିଷ୍ଠ ପ୍ରଶାସକ ଅରବିନ୍ଦ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ଆରସିଡ଼ିସିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଦାସ ସ୍ୱାଗତ ସମ୍ଭାଷଣ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ୟୁଏନ୍‌ଡ଼ିପିର ପ୍ରତିନିଧି ଅମୃତା ପ୍ରିୟମ କର୍ମଶାଳାର ଆଭିମୁଖ୍ୟ କହିଥିଲେ। ସିଓ୍ୱାଇଏସ୍‌ଡ଼ିର ପ୍ରତିଷ୍ଠାତା ସଦସ୍ୟ ଜଗଦାନନ୍ଦ ଜଳବାୟୁ ପରିବର୍ତନର ପ୍ରଭାବ ଉପକୂଳ ଓଡ଼ିଶାବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଉପରେ ପ୍ରହାର କରୁଥିବା ସୂଚାଇ ମୁକାବିଲା କୌଶଳ ବିକଶିତ କରିବା ଉପରେ ଜୋର୍ ଦେଇଥିଲେ। ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ବାସୁଦେବ ମହାପାତ୍ର, ସୁଦର୍ଶନ ଛୋଟରାୟ, ଆଶିଷ ସେନାପତି, ଗବେଷିକା କୀର୍ତିକଳିଙ୍ଗା, ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ମୁଖ୍ୟ କବୀର ସେଠୀ, ଆରସିଡ଼ିସି ପକ୍ଷରୁ ତପନ ପାଢ଼ୀ, ଉମାକାନ୍ତ ମହାନ୍ତି, ସାତଭାୟାଖଣ୍ଡର ସୁଦର୍ଶନ ରାଉତ ପ୍ରମୁଖ ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳବାୟୁ ପରିବର୍ତନର ପ୍ରଭାବ, ବିଭିନ୍ନ ଦିଗ, ଉପୁଜୁଥିବା ବାଧା, ଆଗକୁ ନିଆଯିବା ପାଇଁ ଥିବା କୌଶଳ ଉପରେ ଆଲୋକପାତ କରାଇଥିଲେ। ଶତାଧିକ ଅଂଶଗ୍ରହଣକାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମାସକ ପୂରିବା ପୂର୍ବରୁ ଛଅଲକ୍ଷ ନବଜାତକଙ୍କ ଜୀବନ ଯାଉଛି !

ଭୁବନେଶ୍ୱର (ପିଏନ୍): **ନବଜାତକ ଶିଶୁର ଯତ୍ନ:** ମା'ର ଗର୍ଭାଶୟରର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧ୍ୟରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱିସ୍ଥିକର ହୋଇଥାଏ। ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲବ୍ ବା ରୁମ ହିଟର ବ୍ୟବହାର କରିପାରନ୍ତି ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ। ଉଷୁମ ପାଇଁ ପିଲା ପାଖରେ ଗରମ ପାଣି ବୋତଲ ରଖନ୍ତୁ ନାହିଁ। ଶିଶୁଥିବା ଘରଟିକୁ ଉପଯୁକ୍ତ ପରିମାଣରେ ବାହାର ପବନ ଓ ସୂର୍ଯ୍ୟାଲୋକ ଆସିବାକୁ ଦିଅନ୍ତୁ। ମନେରଖନ୍ତୁ ମା'ର ପ୍ରଥମ ଦୁଇଦିନର କ୍ଷୀରରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରତିରୋଧକ ଶକ୍ତିର ଜୀବନୀ ରହିଥାଏ। ଏହାକୁ କଷକ୍ଷୀର କହି ନଷ୍ଟ ନକରି ପିଲାଙ୍କୁ ଖାଇବାକୁ ଦିଅନ୍ତୁ। ପିଲାର ନାହିକୁ ରବର ବା ସୂତାରେ ନ ବାନ୍ଧି, ନୂଆବ୍ଲେଡ଼୍ ଓ ଡେଟଲ ଦ୍ୱାରା ସଫା ରଖନ୍ତୁ। ବେଟାଡାଇନ ବା ରେକ୍ଟିଫାଏଡ଼୍ ସ୍ପିରିଟ ଲଗାଇ ପାରନ୍ତି। ପିଲା ଶାରୀରିକ ତତ୍ତ୍ୱ ଅନୁସାରେ ଦିନକୁ ୨୦/୨୨ ଘଣ୍ଟା ଶୋଇବ, ଏଥିରେ ବ୍ୟସ୍ତ ହେବାର ନାହିଁ। ପ୍ରତି ପିଲା ପ୍ରଥମ ୨/୪ମାସ ଦିନରେ ଶୁଅନ୍ତି ଓ ରାତିରେ କାନ୍ଦନ୍ତି କାରଣ ସେମାନେ ମା' ଗର୍ଭରେ ଥିବାବେଳେ ଦିନରେ ମା ବୁଲାବୁଲି କରିବା ଦ୍ୱାରା ସେମାନେ ହଲିଥାଆନ୍ତି ଯାହାକି ସେମାନଙ୍କୁ ଶୋଇବାରେ ଆରମ ଲାଗିଥାଏ। ହେଲେ ରାତିରେ ମା ଶୋଇଗଲା ପରେ ସେମାନେ ସେ ଅବସ୍ଥା ପାଉନଥିବାରୁ ସ୍ୱାଭାବିକ ଭାବେ ଶୁଅନ୍ତି। ପ୍ରଥମେ କ୍ଷୀର ଖାଇବା ପରେ ପିଲାମାନେ ଦିନକୁ ୫/୬ଥର ପରିସ୍ରା ଓ ୮/୧୦ଥର ହଳଦିଆ ରଙ୍ଗର ଝାଡ଼ା କରନ୍ତି। ଏଥିରେ ବ୍ୟସ୍ତ ହେବାର ନାହିଁ। ପିଲାମାନେ ମା'କ୍ଷୀର ଖାଇବା ସମୟରେ କ୍ଷୀର ସହ କିଛି ବାୟୁ ଖାଇଥାଆନ୍ତି। ଯାହାଫଳରେ ପେଟ ଫୁଲିଥାଏ। ଏହା ଛାଏଁ ଭଲ ହୋଇଯାଏ, ଏହାକୁ ଲୋକମାନେ ଭୁଲରେ ପେଟପମ୍ପା ବୋଲି କହିଥାନ୍ତି। ଜନ୍ମ ହେବାର ପରେ ପରେ ପିଲାଙ୍କ ଦେହରେ ଜଣ୍ଡିସ ହୋଇଥାଏ। ଏହା ୧୦/୧୫ ଦିନ ରହିଥାଏ। ଏହା ସ୍ୱାଭାବିକ ଭାବେ ଭଲ ହୋଇଯାଏ। ତେବେ ବେଶି ହଳଦିଆ ରଙ୍ଗ ଦେଖାଦେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ପିଲାଙ୍କ ମୁଣ୍ଡରେ କଳା ଆଦୌ ଲଗାନ୍ତୁ ନାହିଁ, ଏହା ଚର୍ମ ସଂକ୍ରମଣ କରିପାରେ। ପିଲାଙ୍କ ମୁଣ୍ଡର କେଶକୁ ଉଷୁମ ତେଲ ପାଣିରେ ସଫା କରନ୍ତୁ। କିଛିକ୍ଷେତ୍ରରେ ଶିଶୁର ସମ୍ମୁଖ ଭାଗରେ ଦାନ୍ତ ବାହାରିଆସେ। ଏହା ପ୍ରାକୃତିକ ବ୍ୟବସ୍ଥା, ଏହାକୁ ଦାନ୍ତୁରା ଭାବିବା ଭୁଲ ଧାରଣା। ଶିଶୁଟି ଝିଅ ହୋଇଥିଲେ ଜନ୍ମ ହେବା ୩/୪ ଦିନ ପରେ ଜନନେନ୍ଦ୍ରିୟରୁ ସାମାନ୍ୟ ରକ୍ତ ବାହାରେ, ଏହା ଚିନ୍ତାଜନକ ନୁହେଁ। ମନେ ରଖନ୍ତୁ ଜନ୍ମ ହେବା ପରେ ପରେ ନବଜାତକର ପରିପାର୍ଶ୍ୱିକ ସ୍ୱାସ୍ଥ୍ୟଗତ ପରିବେଶ ସହ ସ୍ୱାଭାବିକ ହେବାକୁ ସମୟ ଲାଗିଥାଏ। ତେବେ ସଦାସର୍ବଦା ଉଷୁମ ଓ ବିଶୋଧିତ ବ୍ୟବସ୍ଥା ଦ୍ୱାରା ଏହାକୁ ସଂକ୍ରମଣ ଠାରୁ ଦୂରେଇ ରଖନ୍ତୁ।

ଜନ୍ମଠାରୁ ଏକ ମାସର ଅବଧି ଭିତରକୁ ଖୁବ୍ ବିପଜ୍ଜନକ ସମୟ ହୋଇଥାଏ ନବଜାତକଟି ପାଇଁ। ଏହି ସମୟ ଭିତରେ ଶିଶୁଟି ଅନେକ ରୋଗର ସଂସ୍ପର୍ଶରେ ଆସିଥାଏ। ସଂକ୍ରମଣର ସମସ୍ୟା ବା ଅନେକ ପରିପାର୍ଶ୍ୱିକ ଅସୁସ୍ଥତାଜନିତ ସମସ୍ୟା କାରଣରୁ ସେମାନଙ୍କ ଜୀବନ ସଂକଟାପନ୍ନ ହୋଇଥାଏ। ତେବେ ନିକଟରେ ୟୁନିସେଫ୍‌ର ଏକ ରିପୋର୍ଟ ଏହି ନବଜାତକଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ଖବର ପହଞ୍ଚାଉଛି। ଭାରତରେ ମାସେ ପୂରିବା ପୂର୍ବରୁ ଅନ୍ୟୁନ ଛଅ ଲକ୍ଷ ନବଜାତକଙ୍କ ପ୍ରାଣବାୟୁ ଅକାଳରେ ଚାଲିଯାଉଥିବାର ଖବର ନିଶ୍ଚିନ୍ତ ଭାବରେ ଉଦ୍‌ବେଗଜନକ। ଏହି ସଂଖ୍ୟା ବିଶ୍ୱର ସମୁଦାୟ ନବଜାତ ଶିଶୁମୃତ୍ୟୁର ଏକ ଚତୁର୍ଥାଂଶ। ଅନୁସନ୍ଧାନ ଓ ଅନୁଧ୍ୟାନର ଚିତ୍ରରୁ ଜଣାଯାଉଛି ନବଜାତ ଶିଶୁ ମୃତ୍ୟୁରେ ଭାରତର ସ୍ଥାନ ବିଶ୍ୱରେ ସର୍ବାଧିକ। ଭାରତରେ ଅକାଳରେ ଏହି ନବଜାତ ଶିଶୁ ମଧ୍ୟରୁ ଅଧିକାଂଶଙ୍କ ଜୀବନ ରୋକାଯାଇ ପାରିବା ସମ୍ଭବ କାରଣ ସମୁଦାୟ ମୃତ୍ୟୁହାରର ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମୃତ୍ୟୁ କୌଣସି ବଡ଼ କାରଣରୁ ହୋଇନଥାଏ। ତେବେ ୟୁନିସେଫ୍ ରିପୋର୍ଟରୁ ସଂଗୃହୀତ ତଥ୍ୟ ଅନୁଯାୟୀ ପାଞ୍ଚବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର ଭାରତରେ ଉଲ୍ଲେଖଯୋଗ୍ୟ ଭାବେ ହ୍ରାସ ପାଉଛି। ଦେଶରେ ଶିଶୁ ମୃତ୍ୟୁହାର ଉଲ୍ଲେକଯୋଗ୍ୟ ଭାବରେ ହ୍ରାସ ପାଇଥିଲେ ମଧ୍ୟ ନବଜାତକଙ୍କ ମୃତ୍ୟୁ ସଂଖ୍ୟା ଏ ପର୍ଯ୍ୟନ୍ତ ବି ଅଧିକ ରହିଛି। ଚଳିତ ସପ୍ତାହରେ ୟୁନିସେଫ୍ ପକ୍ଷରୁ ନବଜାତ ଶିଶୁ ମୃତ୍ୟୁ ସଂକ୍ରାନ୍ତ ବିଶ୍ୱସ୍ତରୀୟ ବା ଗ୍ଲୋବାଲ ରିପୋର୍ଟ ଏଭ୍ରି ଚାଇଲଡ଼୍ ଆଲିଭ ପ୍ରକାଶିତ ହୋଇଛି। ଏହି ରିପୋର୍ଟରେ ୧୮୪ଟି ଦେଶର ପରିସଂଖ୍ୟାନର ତଥ୍ୟକୁ ସୂଚୀତ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତି ହଜାରେ ଜନ ମଧ୍ୟରୁ ୨୫.୪ ନବଜାତକ ଶିଶୁ ପ୍ରାଣ ହରାଇଥାନ୍ତି। ସମୁଦାୟ ୧୮୪ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୩୧ ରହିଛି। ବିଶ୍ୱର ସପ୍ତମ ବୃହତମ ଅର୍ଥନୀତି ଭାରତ ୧୫୩ଟି ଦେଶ ତଳେ ରହିଛି। ଗତ ବର୍ଷ ଭାରତର



ସ୍ଥାନ ୨୮ରେ ଥିଲା। ଏହା ସାଧାରଣ କଥା ପ୍ରତ୍ୟେକ ନବଜାତ ଶିଶୁର ପ୍ରଥମ ୨୮ଦିନଟି ତାର ଜୀବନ ପାଇଁ ଅତ୍ୟନ୍ତ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ଦିନ। ସମଗ୍ର ବିଶ୍ୱରେ ଏହି ସମୟ ମଧ୍ୟରେ ନବଜାତ ଶିଶୁ ମୃତ୍ୟୁହାର ପ୍ରତି ହଜାରରେ ୧୯ ରହିଛି। ସାରା ବିଶ୍ୱରେ ୨୦୧୬ ମସିହାରେ ଜନ୍ମର ପ୍ରଥମ ଏକମାସ ଭିତରେ ୨.୬ ମିଲିଅନ ଶିଶୁ ମୃତ୍ୟୁବରଣ କରନ୍ତି। ଏ ମଧ୍ୟରୁ କେବଳ ପ୍ରଥମ ସପ୍ତାହ ଭିତରେ ଅଧିକାଂଶଙ୍କ ଜୀବନ ଚାଲିଯାଇଥାଏ। ଏକ ମିଲିଅନ ଶିଶୁ ପ୍ରଥମ ଦିନରେ ମୃତ୍ୟୁବରଣ କରୁଥିବାବେଳେ ପରବର୍ତ୍ତୀ ଛଅ ଦିନ ମଧ୍ୟରେ ଏକ ମିଲିଅନ ଶିଶୁ ପ୍ରାଣ ହରାଇଥିବା ୟୁନିସେଫ୍‌ର ରିପୋର୍ଟରେ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ ଏସବୁ ମୃତ୍ୟୁ ମଧ୍ୟରୁ ୮୦ ପ୍ରତିଶତ ରୋକାଯାଇପାରିବ। ସାଧାରଣତଃ କିଛି କାରଣ ରହିଛି ଯାହାକୁ କି ଏଡ଼ା ଯାଇପାରିଲେ ପିଲାମାନଙ୍କର ଜୀବନ ବଞ୍ଚିପାରିବ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଜନ୍ମ ହେଉଥିବା ଘଟଣା ହେଉ ବା ଶିଶୁକୁ ଜନ୍ମ ଦେଉଥିବା ପ୍ରସୂତୀଙ୍କର ଜଟିଳତା, ସେପସିସ୍ ଓ ନିମୋନିଆ ଆଦି ହେଉଛି ଏଗୁଡ଼ିକ ମଧ୍ୟରୁ ଅନ୍ୟତମ। ତେବେ କମ୍ ଖର୍ଚ୍ଚ କିନ୍ତୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଦ୍ୱାରା ଅଧିକାଂଶ ଶିଶୁମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ପରିଷ୍କାର ଓ ବିଶୁଦ୍ଧ ଜଳ, ପ୍ରସବ ସମୟରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ ସହାୟିକାଙ୍କ ଉପସ୍ଥିତି, ସଂକ୍ରମଣ ଜନିତ ନାଭି ରଜ୍ଜୁ ଓ ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ସହ ମାଆ ଓ ଶିଶୁଙ୍କ ସ୍ପର୍ଶ ଏ ସବୁ ବିପଦକୁ ଏଡ଼ାଇ ଦିଆଯାଇପାରେ। ୟୁନିସେଫ୍ ତା ରିପୋର୍ଟରେ ୨୦୩୦ ମସିହା ସୁଦ୍ଧା ଭାରତ ନବଜାତ ଶିଶୁମୃତ୍ୟୁ ୧୨କୁ ହ୍ରାସ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଥିବାନେଇ ରିପୋର୍ଟ ପ୍ରକାଶ କରିଛି। ତେବେ ଏସବୁ ଭିତରେ ଅତ୍ୟନ୍ତ ଖୁସିର ପ୍ରସଙ୍ଗ ହେଉଛି ଯେ ପାଞ୍ଚବର୍ଷ ବୟସରୁ କମ୍ ବୟସର ଶିଶୁ ମୃତ୍ୟୁହାରକୁ ଉଲ୍ଲେଖଯୋଗ୍ୟ ଭାବରେ ହ୍ରାସ କରାଯାଇପାରିଛି। ଗତ ୧୯୯୦ ମସିହାରୁ ୨୦୧୫ ମସିହା ଭିତରେ ଏହି ବୟସ ଶିଶୁ ମୃତ୍ୟୁହାର ୬୬ ପ୍ରତିଶତ ହ୍ରାସ ପାଇଛି। ଯଦିଓ ବିଶ୍ୱସ୍ତରରେ ଏହି ହାର ୫୫ ପ୍ରତିଶତ କମ୍ ହୋଇଛି। ୨୦୧୫ ଓ ୧୬ ଭିତରେ ତୁଳନା କଲେ ଏହି ମୃତ୍ୟୁହାର ଆହୁରି ହ୍ରାସ ପାଇଛି। ପ୍ରଥମଥର ପାଇଁ ଭାରତର ପାଞ୍ଚବର୍ଷ ବୟସର ଶିଶୁ ମୃତ୍ୟୁହାର ଏକ ନିୟୁତ ଠାରୁ କମ୍ ରହିଛି। ସରକାରୀ ଯୋଜନା ଅନୁଯାୟୀ ସର୍ତ୍ତମୂଳକ ଅର୍ଥ ସହାୟତା ପ୍ରଦାନ, ୧୦୨ ଓ ୧୦୮ ମାଗଣା ତତ୍କାଳ ଆମ୍ବୁଲାନ୍ସ ସେବା ଦ୍ୱାରା ଡାକ୍ତରଖାନାକୁ ନେବା ସୁବିଧା ଓ ସରକାରୀ ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟସେବା ଦ୍ୱାରା ୨୦୦୫-୨୦୧୬ ମଧ୍ୟରେ ଡାକ୍ତରଖାନାରେ ପ୍ରସବ ସଂଖ୍ୟା ପ୍ରାୟ ୨ଗୁଣ ହୋଇଛି। କାରଣ ୨୦୦୫ରେ ଡାକ୍ତରଖାନାରେ ପ୍ରସବ ହାର ୩୯ ପ୍ରତିଶତ ଥିବାବେଳେ ୨୦୧୬ରେ ଏହା ୭୯ ପ୍ରତିଶତକୁ ବୃଦ୍ଧି ପାଇଛି। ତେବେ ଶିଶୁକନ୍ୟା ପାଇଁ ଭାରତର ପରିବେଶ ଏବେ ବି ନିରାପଦ ହୋଇପାରିନି। ପାଞ୍ଚବର୍ଷ ବୟସରୁ କମ୍ ବୟସର ଶିଶୁମୃତ୍ୟୁରେ ବାଳକ ମୃତ୍ୟୁହାର ପ୍ରତି ହଜାରରେ ୩୭ ଥିଲାବେଳେ ବାଳିକା ମୃତ୍ୟୁହାର ୪୧ ରହିଛି। ୟୁନିସେଫ୍‌ର ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତ ବିଶ୍ୱର ଏକମାତ୍ର ବୃହତ୍ ଦେଶ ଯେଉଁଠାରେ ବାଳିକା ମୃତ୍ୟୁହାର ବାଳକଙ୍କ ଠାରୁ ଅଧିକ। ଏହି ରିପୋର୍ଟରେ ଏହା ମଧ୍ୟ ଦର୍ଶାଯାଇଛି ଝିଅମାନେ ଶାରୀରିକ ଭାବରେ ଅଧିକ ଦୃଢ଼ ପୁଅ ମାନଙ୍କ ତୁଳନାରେ କିନ୍ତୁ ସାମାଜିକ ଭାବରେ ସେମାନେ ଏବେ ବି ପୁଅ ମାନଙ୍କ ସମକକ୍ଷ ହୋଇପାରିନାହାଁନ୍ତି। ଓଡ଼ିଶାରେ ନବଜାତକଙ୍କ ଶିଶୁମୃତ୍ୟୁହାର ଆଶାତୀତ ଭାବେ ହ୍ରାସ ପାଇଛି। କାରଣ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଶିଶୁ ଓ ମହିଳା କଲ୍ୟାଣ ବିଭାଗର ସହାୟତାରେ ଅନେକ ଲୋକପ୍ରିୟ ଯୋଜନା ହାତକୁ ନେଉଛନ୍ତି। ମାଆଟି ଗର୍ଭବତୀ ଥିବା ସମୟରୁ ସରକାର ମାଗଣା ପୁଷ୍ଟିକର ଖାଦ୍ୟ ଓ ଔଷଧ ପ୍ରଦାନ ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ, ଶିଶୁଭବନ ଓ ବଡ଼ମେଡ଼ିକାଲ ସବୁଠାରେ ଏମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧାସୁଯୋଗ ଓ ଶିଶୁ ଚିକିତ୍ସକଙ୍କ ସହାୟତାର ବ୍ୟବସ୍ଥା ରଖିଛନ୍ତି। ତେଣୁ ସମସ୍ତେ ଏହାର ସୁଯୋଗ ନେବା ଅତ୍ୟନ୍ତ ଜରୁରୀ।

**(ସୌଜନ୍ୟ: ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ,** ସହଯୋଗୀ ପ୍ରଫେସର, **ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪)**

# ସ୍ଥାନୀୟ ଘରୋଇ ଚାକିରୀ କ୍ଷେତ୍ରରେ ବେକାର ଶିକ୍ଷତଙ୍କୁ ୮୦% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ନୀତି ନିର୍ଦ୍ଧାରଣ କରିବାକୁ ଦାବି : ଯୁବ ଆଇଏନ୍‌ଟିୟୁସି

ରାଉରକେଲା, (ପିଏନ) : ଆଜି ରାଧିକା ରିଜେନ୍ସି ଠାରେ ଯୁବ ଆଇଏନ୍‌ଟିୟୁସିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଦିବାସୀ ଅଧ୍ୟୁଷିତ ତଥା ଶିଳ୍ପ ବହୁଳ ସୁନ୍ଦରଗଡ ଜିଲ୍ଲାର ରାଉରକେଲା ସହର ସମଗ୍ର ଦେଶରେ ଶିଳ୍ପ ନଗରୀ ଭାବେ ଖ୍ୟାତି ଅର୍ଜନ କରିଥିବା ବେଳେ ଏଠାରେ ଭରପୁର ଖଣିଖାଦାନ ଓ ଛୋଟବଡ କଳ କାରଖାନା ସହିତ ରାଷ୍ଟ୍ରାୟତ୍ତ ସଂସ୍ଥାର ଆର୍‌ଏସ୍‌ପି ରହିଥିଲେ ମଧ୍ୟ ସ୍ଥାନୀୟ ବେକାର ଶିକ୍ଷିତଙ୍କୁ କର୍ମ ନିଯୁକ୍ତି କ୍ଷେତ୍ରରେ ଉପେକ୍ଷା କରାଯାଉଥିବା ରାଜ୍ୟ ଯୁବ ଆଇଏନ୍‌ଟିୟୁସି ସଭାପତି ସୁବ୍ରତ ନାୟକ କହିଛନ୍ତି। ଫଳରେ ସ୍ଥାନୀୟ ବେକାର ଶିକ୍ଷତ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ବାଧ୍ୟ ହୋଇ ରାଜ୍ୟ ବାହାରେ ଶୋଷଣ ଓ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ତେଣୁ ରାଜ୍ୟ ସମସ୍ତ ଘରୋଇ ଶିଳ୍ପ କାରଖାନା ଓ ଘରୋଇ ସଂସ୍ଥା ମାନଙ୍କରେ ସ୍ଥାନୀୟ ଶିକ୍ଷତ ବେକାରଙ୍କ କର୍ମ ନିଯୁକ୍ତି କ୍ଷେତ୍ରରେ ୮୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରାଜ୍ୟ ସରକାର କରିବା ସହ ଆଇନ୍ ପ୍ରଣୟନ କରିବାକୁ ଯୁବ ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଦାବି କରିଛନ୍ତି। ରାଜ୍ୟରେ ଦିନକୁ ଦିନ ବେକାର ଶିକ୍ଷକଙ୍କ ସଂଖ୍ୟା ହୁ ହୁ ହୋଇ ବୃଦ୍ଧିପାଇ ଚାଲିଛି। ଏଥିପ୍ରତି ସରକାର ଧ୍ୟାନ ନ ଦେବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାୟକ କହିବା ସହ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ କ୍ଷେତ୍ରରେ ଶୋଚନୀୟ ଅବସ୍ଥା ପାଇଁ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। କୃଷି ମାନବ ସଭ୍ୟତାର ଆଦିଶିଳ୍ପ ହୋଇଥିବା ବେଳେ କୃଷିର ବିକାଶ ପାଇଁ ଅନେକ ବ୍ୟବସ୍ଥା କଥା ସରକାର ଗଣମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି। କିନ୍ତୁ ପ୍ରକୃତ ପକ୍ଷରେ ପ୍ରକୃତ ଚାଷୀମାନେ ଏ ସମସ୍ତ ଯୋଜନାରୁ ଲାଭ ପାଇପାରୁନାହାନ୍ତି। ତେଣୁ କୃଷକ ମାନଙ୍କ ପାଇଁ କୃଷି କଲ୍ୟାଣ ବୋର୍ଡ ଗଠନ କରାଯାଉ ବୋଲି ଶ୍ରୀ ନାୟକ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଯୁବ ଆଇଏନ୍‌ଟିୟୁସି ରାଜ୍ୟ କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ସାହୁ, ଜିଲ୍ଲା ସଭାପତି ଅଜୟ କୁମାର ପାଇକରାୟ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀମୂଲିଆ ସଂଘ ଜିଲ୍ଲା ସଭାପତି ଯୋଶେଫ ଖେସ, ଯୁବ ଆଇଏନ୍‌ଟିୟୁସି ରାଜ୍ୟ ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାର ପଥପ୍ରନ୍ତ ସେବାକେନ୍ଦ୍ରଗୁଡ଼ିକରେ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା ଆବଶ୍ୟକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ପ୍ରାକୃତିକ ସମ୍ପଦରେ ଭରି ରହିଥିବା ସହିତ ଜିଲାର ବିଭିନ୍ନ ଅଂଚଳରେ ନାନା ପ୍ରକାରର ପର୍ଯ୍ୟଟନ ସ୍ଥଳରେ ଭରପୁର ରହିଛି। ଏହାସହିତ ଜିଲାରେ ହଳଦୀଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପ୍ରାକୃତିକ ଉତ୍ପାଦ ଏବଂ ଏଠାର ପନିପରିବା ସମଗ୍ର ରାଜ୍ୟରେ କାହିଁକି ବିଦେଶରେ ମଧ୍ୟ ଆଦୃତ ହୋଇଆସିଛି। ସେଥିପାଇଁ ପ୍ରାୟ ବର୍ଷସାରା ଜିଲାକୁ ପର୍ଯ୍ୟଟକଙ୍କ ଯିବାଆସିବା ଲାଗି ରହିଥାଏ। ମୁଖ୍ୟତଃ ଶୀତ ଋତୁରେ ରାଜ୍ୟ,ଦେଶ ତଥା ବାହାର ଦେଶରୁ ପର୍ଯ୍ୟଟକଙ୍କ ଭୀଡ ଆରମ୍ଭ ହୋଇଯାଏ। ବର୍ତମାନ ବର୍ଷାଋତୁ ଶେଷ ହେବାକୁ ଥିବାବେଳେ ଶୀତ ଋତୁର ଆଗମନ ପରେ ପର୍ଯ୍ୟଟକଙ୍କର ଅପେକ୍ଷା ଜିଲାକୁ ଆସିବାପାଇଁ। ଏହାକୁ ଆଖିରେ ରଖି ସରକାର ଜିଲାର କଳିଙ୍ଗା,ମହାସିଙ୍ଗି ଓ ଦାରିଙ୍ଗବାଡିଠାରେ ତିନିଟି ପର୍ଯ୍ୟଟକ ପଥପ୍ରାନ୍ତ ସେବାକେନ୍ଦ୍ର ଖୋଲିଛନ୍ତି। ସେଠାରେ ସମସ୍ତ ବ୍ୟବସ୍ଥା ଥିବାବେଳେ ସେଠାରେ ଦୁରଦୁରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ଉପଲବ୍ଧ ହେଉନାହିଁ କେବଳ ଚା ସହିତ ସ୍ନାନଶୌଚର ବ୍ୟବସ୍ଥା ରହିଛି ସେଠାରେ କିନ୍ତୁ ନିର୍ମାଣ ହୋଇଥିବା ଏହି ସେବାକେନ୍ଦ୍ର ଗୁଡିକ ସେହି ଅଂଚଳର ବଜାର ଠାରୁ ଦୁରରେ ଥିବାରୁ ଏବଂ ସେମାନଙ୍କର ଯାତାୟାତ ପାଇଁ ଗାଡି କିମ୍ବା ଟ୍ୟାକ୍ସିର ସୁବିଧା ନାହିଁ। ତେଣୁ ଏହି କେନ୍ଦ୍ର ଗୁଡିକରେ ଉଚିତ୍ ମୁଲ୍ୟରେ ଚା ପାଣି ସହିତ ଜଳଖିଆ,ସ୍ନାକ୍ସ ଏବଂ ଜରୁରୀ କାଳୀନ ପରିସ୍ଥିତିରେ ଖାଇବା ବ୍ୟବସ୍ଥା ନିମନ୍ତେ ସେଠାରେ ଗୋଟିଏ ଲେଖାଁଏ କ୍ୟାଣ୍ଟିନ୍ ର ବ୍ୟସ୍ଥା କରାଯିବା ଦରକାର। ଏହାସହିତ ସେଠାକୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ସୁବିଧା ଏବଂ ସୁଚନା ପାଇଁ ଜିଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀ ଗୁଡିକର ସେଠାରୁ ଦୁରତା,ସେହି ସ୍ଥଳୀର ଫୋଟ ଏବଂ ଏହାର ବିଶେଷତ୍ୱ ସବୁ ଉଲ୍ଲେଖ ରହିବା ଦରକାର। ପର୍ଯ୍ୟଟନ ସମୟରେ ଆଖପାଖ ଅଂଚଳରେ ସେମାନଙ୍କର ଯାତାୟାତ ପାଇଁ ସାମୟୀକ ଭାବରେ ଟ୍ୟାକ୍ସିର ସୁବିଧା କରାଇବା ଦରକାର ବୋଲି ଜିଲାର ବୁଦ୍ଧିଜୀବି ତଥା ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି। ଫଳରେ ସେମାନେ ବଜାରଠାରୁ ଦୁରରେ ଥିବା ଏହି ପଥପ୍ରାନ୍ତ ସେବାକେନ୍ଦ୍ର ଗୁଡିକରୁ ବାହାରି ଜିଲାର ଅନ୍ୟ ପର୍ଯ୍ୟଟନ ସ୍ଥଳୀକୁ କିମ୍ବା ଅନ୍ୟଯାଗାକୁ ଯିବାପାଇଁ ସେମାନେ ଅସୁବିଧାର ସମ୍ମୁଖିନ ନହେବେ ସେଥିପ୍ରତି ଜନ୍‌ବାନ ହେଲେ ଜିଲାକୁ ପର୍ଯ୍ୟଟକ ଆକୃଷ୍ଟ ହେବେ।

ସେହିପରି ଜିଲାରେ ଉତ୍ପାଦନ କରାଯାଉଥିବା ହଳଦୀଠାରୁ ଆରମ୍ଭ କରି ଝୁଣା, ଫୁଲଝାଡୁ, ଶୋରିଷ, ମାଣ୍ଡିଆ, ଝୁଣା ଭଳି ଅନ୍ୟାନ୍ୟ ପ୍ରାକୃତିକ ଉତ୍ପାଦନ ପନିପରିବା ଆଦିବାସୀମାନଙ୍କର ପାରମ୍ପରିକ କଳାକୃତି ବାଲିଗୁଡା ବାରଖାମା ଅଂଚଳର ଟେରାକୋଟା କଳାକୃତିର ପ୍ରଦର୍ଶନ ସେବାକେନ୍ଦ୍ରର ଭିତରେ ପ୍ରତିଫଳିତ କରାଯିବା ଦରକାର ଫଳରେ ସେମାନଙ୍କୁ ଏହିସବୁ ଜିନିଷ ଆକଷ୍ଟ କରିବା ଏବଂ ଆଦିବାସୀ ମାନଙ୍କର ଉତ୍ପାଦ ମଧ୍ୟ ବିକ୍ରି ହୋଇପାରିବା ସହିତ ଜିଲାର ଗ୍ରାମାଂଚଳର ଲୋକଙ୍କର ଆର୍ଥିକ ଅଭିବୃଦ୍ଧି ହେବ ବୋଲି ସମାଜସେବୀ ଜିଆଉଦ୍ଦିନ ଅହମଦ, ବୁଦ୍ଧିଜୀବି ସୁଭେନ୍ଦୁ ତ୍ରିପାଠୀ, ନୃସିଂହ ବେହେରା, ତନ୍ମୟା ମିଶ୍ରଙ୍କ ଭଳି ଅନେକ ବିଦ୍ଧିଜୀବିମାନେ ଦାବି କରିଛନ୍ତି। ଏହାକରିବା ଦ୍ୱାରା ଜିଲାକୁ ପର୍ଯ୍ୟଟକମାନେ ବହୁ ସଂଖ୍ୟରେ ଆକୃଷ୍ଟ ହେବା ସହିତ ଜିଲାର ଲୋକଙ୍କର ମଧ୍ୟ ଉନ୍ନତି ସାଧିତ ହେବ।

# ସ୍ତନ୍ୟପାନ ଏକ ସୁସ୍ଥ ରାଷ୍ଟ୍ର ଗଠନର ସରଳ ସମାଧାନ

ବିଶ୍ୱରେ ଉପଯୁକ୍ତ ପୋଷଣର ଅଭାବ ହେତୁ ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କର ମୃତୁହାର ହେଉଛି ୪୫%। ଏକ ତୃତୀୟାଂଶ ଶିଶୁ କୁପୋଷଣ ଜନିତ ରୋଗର ଶିକାର ହେଉଛନ୍ତି। ଏ କ୍ଷେତ୍ରରେ ଭାରତର ସ୍ଥିତି ଅଧିକ ଜଟିଳ, ଯେଉଁଠାରେ ୫ବର୍ଷ ବୟସରୁ କମ୍ ୪୦% ଶିଶୁ କୁପୋଷଣର ଶିକାର ହେଉଛନ୍ତି। ଏଥିପାଇଁ ଏକମାତ୍ର ସରଳ ସମାଧାନର ପନ୍ଥା ହେଉଛି ଶିଶୁମାନଙ୍କୁ ଉପଯୁକ୍ତ ସମୟରୁ ସ୍ତନ୍ୟପାନର ଆରମ୍ଭ କରାଇବା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୫ ବର୍ଷରୁ କମ ପ୍ରାୟ ୮ ଲକ୍ଷ ଶିଶୁମାନଙ୍କୁ କେବଳ ଜନ୍ମରୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ ମା' ସ୍ତନ୍ୟପାନ କରାଇ ଏବଂ ଏଥି ସାଙ୍ଗକୁ ୨୪ ମାସ ହେବା ପର୍ଯ୍ୟନ୍ତ ଉପଯୁକ୍ତ ପରିପୂରକ ଖାଦ୍ୟ ପ୍ରଦାନ କରି କୁପୋଷଣଜନିତ ସମସ୍ୟାକୁ ଦୂର କରାଯାଇପାରିବ।



ଶିଶୁର ପ୍ରାରମ୍ଭିକ ଦୁଇ ବର୍ଷ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ତା ପାଇଁ ପର୍ଯ୍ୟାପ୍ତ ପରିମାଣର ପୋଷାକ ଆବଶ୍ୟକ ହୋଇଥାଏ। ଏହି ଉପଯୁକ୍ତ ପୋଷାକ ଦ୍ୱାରା ଶିଶୁଠାରେ ଦେଖା ଦେବାକୁ ଥିବା କ୍ରମାଗତ ରୋଗକୁ ଦୂର କରାଯାଇପାରେ ଓ ଶିଶୁର ସାମଗ୍ରୀକ ବିକାଶ ହୋଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଯେଉଁ ଦେଶମାନଙ୍କର କୁପୋଷଣର ମାତ୍ରା ଅଧିକ ସେହି ସବୁ ଦେଶମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ ଏବଂ ଉପଯୁକ୍ତ ପରିପୂରକ ଖାଦ୍ୟ ପ୍ରଦାନ ଦ୍ୱାରା ୫ ବର୍ଷ ବୟସରୁ କମ୍ ବୟସର ପ୍ରାୟ ୨,୨୦,୦୦୦ ଶିଶୁ ମୃତ୍ୟୁକୁ ରୋକାଯାଇପାରିବ। ଭାରତ ହେଉଛି ସେହିଭଳି ଏକ ଦେଶ ଯେଉଁଠାରେ ୫ବର୍ଷରୁ କମ୍ ହୋଇଥିବା ପ୍ରାୟ ୪୩% ଶିଶୁ କମ୍ ଓଜନ ବିଶିଷ୍ଟ ଓ ୪୮% କୁପୋଷଣର ଶିକାର ହେଉଥିବା ଶିଶୁ ରହିଛନ୍ତି। ସ୍ତନ୍ୟପାନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଅଧିକ ରହିଛି। କିନ୍ତୁ ଏ କ୍ଷେତ୍ରରେ ଏକ ପ୍ରମୁଖ ଆହ୍ୱାନ ହେଉଛି ଲୋମାନେ ସେଥିପ୍ରତି ବିଶେଷ ସଚେତନ ନୁହନ୍ତି। ଏଥିପାଇଁ ବିଶେଷକରି ପରିବାରର ସଦସ୍ୟମାନେ ମାଙ୍କୁ ସ୍ତନ୍ୟପାନର ଉପକାରିତା ଓ ଗୁରୁତ୍ୱ ସମ୍ବନ୍ଧରେ ସଚେତନ କରାଇବା ଆବଶ୍ୟକ। ଏହା ଘର, କାର୍ଯ୍ୟସ୍ଥଳ କିମ୍ବା ଶିଶୁ ଯତ୍ନ କେନ୍ଦ୍ର ହୋଇଥାଉ ନା କାହିଁକି। ଏଥିପାଇଁ ପ୍ରତ୍ୟେକ ମାମାନଙ୍କ ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ୟୁନିସେଫ୍ ୨୦୧୭ର ତଥ୍ୟ ଅନୁଯାୟୀ ପ୍ରତ୍ୟେକ ବର୍ଷ ବିଶ୍ୱ ସ୍ତରରେ ଜନ୍ମ ନେଉଥିବା ୧୩୫ ନିୟୁତ ଶିଶୁମାନଙ୍କ ମଧ୍ୟରୁ ପ୍ରାୟ ୮୩ ନିୟୁତ ଶିଶୁମାନେ ପର୍ଯ୍ୟାପ୍ତ ପରିମାଣରେ ସ୍ତନ୍ୟପାନର ସୁଯୋଗ ପାଇପାରୁନାହାନ୍ତି। ଆଉ ମଧ୍ୟ କେବଳ ୪୨% ମହିଳାମାନେ ଶିଶୁ ଜନ୍ମର ପ୍ରଥମ ଘଣ୍ଟାମଧ୍ୟରେ ଶିଶୁକୁ ସ୍ତନ୍ୟପାନ କରାଉଥିବା ବେଳେ ମାତ୍ର ୩୯% ମହିଳାମାନେ ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇଥାନ୍ତି ଏବଂ କେବଳ ୫୮% ମା'ମାନେ ୨ବର୍ଷ ପର୍ଯ୍ୟନ୍ତ ଶିଶୁକୁ ସ୍ତନ୍ୟପାନ ଜାରି ରଖିଥାନ୍ତି।

ସ୍ତନ୍ୟପାନ ହେଉଛି ଏକ ସର୍ବୋତ୍କୃଷ୍ଟ ପ୍ରାକୃତିକ ପରିପୂରକ ଖାଦ୍ୟ ଯେଉଁଥିରେ ରହିଛି ପୋଷାକ ସନ୍ତୁଳନତା ଯାହା ଶିଶୁ ପାଇଁ ସଂପୂର୍ଣ୍ଣ ଉପଯୋଗୀ। ଡଃ ମହାପାତ୍ର ଶୁଣି କହିଛନ୍ତି ଯେ ଶିଶୁର ବୟସ ବଢ଼ିବା ସହିତ ତାର ଆବଶ୍ୟକତାରେ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ମା'କ୍ଷୀର ମଧ୍ୟରେ ପରିବର୍ତ୍ତନ ଦେଖାଦେଇଥାଏ। ପ୍ରଥମ ୬ମାସ ପର୍ଯ୍ୟନ୍ତ ଶିଶୁକୁ ମା'କ୍ଷୀରୁ ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ଦେବାର ଆବଶ୍ୟକତା ନାହିଁ ଏପରିକି ପାଣି ମଧ୍ୟ ନୁହେଁ। କାରଣ ମା'କ୍ଷୀରରେ ୮୮% ପାଣି ରହିଛି। ଆଉ ମଧ୍ୟ ପ୍ରସବ ପରବର୍ତ୍ତୀ ମା'କ୍ଷୀରରେ ରହିଥିବା କୋଲୋଷ୍ଟ୍ରମ ସାଧାରଣ କ୍ଷୀର ତୁଳନାରେ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଏଥିରେ ମଧ୍ୟ ଶିଶୁ ପାଇଁ ଅନେକ ଉପଯୋଗୀ ପୋଷକ ତତ୍ତ୍ୱ ରହିଛି। ମା'କ୍ଷୀରରେ ରହିଥିବା ପ୍ରମୁଖ ଉପାଦାନ ଶିଶୁକୁ ଅନେକ ରୋଗରୁ ରକ୍ଷା ପ୍ରଦାନ କରେ। କେବଳ ଏତିକି ନୁହେଁ ଶିଶୁର ବୌଦ୍ଧିକ ତଥା ଶାରୀରିକ ବିକାଶ ଦିଗରେ ସହାୟକ ହୋଇଥାଏ। ଶିଳ୍ପାଞ୍ଚଳମାନଙ୍କରେ ଜନ୍ମିତ ଶିଶୁମାନେ ୬ମାସ ପର୍ଯ୍ୟନ୍ତ କେବଳ ସ୍ତନ ପାନ କରିବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କ ଠାରେ ପେଟ ରୋଗଜନିତ କୌଣସି ସମସ୍ୟା ଦେଖାଦେଇନଥାଏ। ଡାଇରିଆ ଓ ନିମୋନିଆ ହେଉଛି ଦୁଇଟି ରୋଗ ଯଦ୍ୱାରା ୫ ବର୍ଷରୁ କମ ବୟସର ଶିଶୁମାନଙ୍କର ମୃତ୍ୟୁ ହାର ଅଧିକ ହୋଇଥାଏ। ଅନେକ ଅନୁଧ୍ୟାନରୁ ଏହା ଜଣାଯାଇଛି ଯେ ଯେଉଁ ଶିଶୁମାନଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ସ୍ତନ ପାନ କରାଯାଇଥାଏ ସେମାନଙ୍କ ଠାରେ ପାକସ୍ଥଳୀଜନିତ ସଂକ୍ରମଣ, ଶ୍ୱାସକ୍ରିୟାଜନିତ ସମସ୍ୟା, କାନର ସଂକ୍ରମଣ, ମେନିନଜାଇଟିସ୍ ସମସ୍ୟା କମ୍ ଦେଖା ଦେଇଥାଏ। ସ୍ତନ୍ୟପାନ ଦ୍ୱାରା ଶିଶୁର ପର୍ଯ୍ୟାପ୍ତ ବିକାଶ ହୁଏ। ଏହାଦ୍ୱାରା ମା ଓ ଶିଶୁଙ୍କ ମଧ୍ୟରେ ଆବେଗିକ ସମ୍ପର୍କ ଦୃଢ଼ ହୁଏ। ସ୍ତନ୍ୟପାନ କରାଇବା ଦ୍ୱାରା ମା'ମାନଙ୍କ ଠାରେ ଦେଖାଦେଉଥିବା ପ୍ରସବ ପରବର୍ତ୍ତୀ ସମସ୍ୟା ଦୂର ହୁଏ। ଏହା ମଧ୍ୟ ମା'ମାନଙ୍କ ଠାରେ ଦେଖାଦେଉଥିବା କାର୍ଡ଼ିଓଭାସ୍କୁଲାର ରୋଗ ସାଙ୍ଗକୁ ଓଭାରିଆନ ଏବଂ ସ୍ତନ କର୍କଟ ପରି ବିପଦ ସମ୍ଭାବନାକୁ ହ୍ରାସ କରେ। ଉଭୟ ମା ଓ ଶିଶୁର ସୁସ୍ଥତା ପାଇଁ ସେମାନଙ୍କୁ ତଥା ସେମାନଙ୍କର ପରିବାରର ସଦସ୍ୟ ମାନଙ୍କୁ ଏ ଦିଗରେ ସଚେତନ କରାଇବା ହେଉଛି ସବୁଠାରୁ ବଡ଼ ଆହ୍ୱାନ। ତେଣୁ ମା'ମାନଙ୍କୁ ଏ ବିଷୟରେ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସର୍ବାଧିକ ମାତ୍ରାରେ ସ୍ତନ୍ୟପାନ କରାଇବା ଦ୍ୱାରା କୁପୋଷଣଜନିତ ସମସ୍ୟାକୁ ଅନେକ ମାତ୍ରାରେ ଦୂର କରାଯାଇପାରିବ।

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ,** ସହଯୋଗୀ ପ୍ରଫେସର, **ଶିଶୁରୋଗ ବିଶେଷଜ୍ଞ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪**

## କଲିକତାରେ ପେଟ୍ରୋକେମ-୨୦୧୯, ଓଡ଼ିଶାରେ ପୁଞ୍ଜିନିବେଶ ଦିଗରେ ଶିଳ୍ପୋଦ୍ୟୋଗୀ ନିଜ ମତ ରଖିଲେ

ଭୁବନେଶ୍ୱର: ଇପିକଲର ପରିଚାଳନା ନିର୍ଦ୍ଦେଶକ ତଥା ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଡ. ନୀତେନ ଭାନୁଦାସ ଜଓ୍ୱାଲେଙ୍କ ନେତୃତ୍ୱରେ ଓଡ଼ିଶାରେ ପୁଞ୍ଜିନିବେଶ ସକାଶେ ଗଠିତ ହୋଇଥିବା ପ୍ରତିନିଧିଗଣ କଲିକତା ଠାରେ ଭାରତୀୟ ଚେମ୍ବର୍ସ ଅଫ୍ କମର୍ସ ତରଫରୁ ଅନୁଷ୍ଠିତ ହୋଇଥିବା 'ଆଗାମୀ ଭବଷ୍ୟତରେ ପେଟ୍ରୋକେମିକାଲ ବ୍ୟବସାୟ ଅଭିବୃଦ୍ଧି' ଶୀର୍ଷକ ପେଟ୍ରୋକେମ୍-୨୦୧୯ରେ ଯୋଗଦାନ କରିଥିଲେ। ଅର୍ଥନୈତିକ ଉନ୍ନତି ସହିତ କର୍ମନିଯୁକ୍ତି ସୃଷ୍ଟି ଦିଗରେ ଡାଉନ୍‌ଷ୍ଟ୍ରିମ୍ ପେଟ୍ରୋକେମିକାଲ ୟୁନିଟ୍‌ଗୁଡ଼ିକର କିଭଳି ବିକାଶ ହୋଇପାରିବ ସେହି ଲକ୍ଷ୍ୟ ନେଇ ଏହି ପ୍ରେଟ୍ରୋକେମ୍-୨୦୧୯ ଅନୁଷ୍ଠିତ ହୋଇଥିଲା।

PARADIP PORT TRUST
e-Tendering Notice
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of Steel cord conveyor belt. The last date and time of submission of the tender is 17.15 hrs. on 03.10.2019. For details, log on to website : https://eprocure.gov.in/eprocure/app
Sr. Dy. Materials Manager,
PPT/PR/328/19-20 Dt : 13.09.2019




# ଜାତୀୟ ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ

କେନ୍ଦ୍ରାପଡା ୧୬/୯,(ପିଏନ)- କେନ୍ଦ୍ରାପଡା ସିଭିଲ କୋର୍ଟ ପରିସରରେ ଶନିବାର ଜାତୀୟ ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ସେହି ଜାତୀୟ ସ୍ତରୀୟ ଲୋକ ଅଦାଲତରେ ମୋଟ ୫୫୬୮ଟି ମାମଲା ମଧ୍ୟରୁ ୩୬୯ଟି ମାମଲାର ବିଚାର କରାଯାଇ ୧କୋଟି ୯ଲକ୍ଷ,୭୮ହଜାର ୩୧୧ଟଙ୍କା ଆଦାୟ କରାଯାଇଛି । ୧୭୧ଟି ଦେଓ୍ୱାନୀ ମାମଲା ମଧ୍ୟରୁ କେନ୍ଦ୍ରାପଡା ବରିଷ୍ଠ ସିଭିଲଜଜଙ୍କ କୋର୍ଟରେ ୮୯ଟି ବିଚାର ପାଇଁ ନିଆଯାଇଥିବା ବେଳେ ସେଥି ମଧ୍ୟରୁ ୫ଟିର ଫଇସଲା କରାଯାଇ ସେବାବଦକୁ ୧୮ଲକ୍ଷ,୫ହଜାର ୫୯୧ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ କେନ୍ଦ୍ରାପଡା ଅତିରିକ୍ତ ବରିଷ୍ଠ ସିଭିଲଜଜଙ୍କ କୋର୍ଟରେ ୧୩ଟିରୁ ୫ଟିର ବିଚାର କରାଯାଇ ୧୨ଲକ୍ଷ, ୨୧ହଜାର ୬୯୫ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ସେହିପରି କେନ୍ଦ୍ରାପଡା ସିଭିଲଜଜଙ୍କ କୋର୍ଟରେ ୧୭ଟିରୁ ୧୦ଟିର, ପଟ୍ଟାମୁଣ୍ଡାଇ ବରିଷ୍ଠ ସିଭିଲଜଜଙ୍କ କୋର୍ଟରେ ୨୫ଟିରୁ ୧୨ଟି, ପଟ୍ଟାମୁଣ୍ଡାଇ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜି ଷ୍ଟ୍ରେଟଙ୍କ କୋର୍ଟରେ ୨୩ଟିରୁ ୧୦ଟି,ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜି ଷ୍ଟ୍ରେଟଙ୍କ କୋର୍ଟରେ ୪ଟିରୁ ଗୋଟିଏ ମାମଲାର ବିଚାର କରାଯାଇ ଫଇସଲା କରାଯାଇଥିଲା । ସେହିପରି ୨୨୮ଟି ଫୌଜଦାରୀ ମାମଲା ବିଚାର ପାଇଁ ନିଆଯାଇଥିବା ବେଳେ ସେଥି ମଧ୍ୟରୁ କେନ୍ଦ୍ରାପଡା ଏସ.ଡି.ଜେ.ଏମ.ଙ୍କ କୋର୍ଟରେ ୬୦ଟିରୁ ୧୯ଟିର ବିଚାର କରାଯାଇଥିବା ବେଳେ କେନ୍ଦ୍ରାପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜି ଷ୍ଟ୍ରେଟଙ୍କ କୋର୍ଟରେ ୮ଟିରୁ ୫ଟି,ପଟ୍ଟାମୁଣ୍ଡାଇ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜି ଷ୍ଟ୍ରେଟଙ୍କ କୋର୍ଟରେ ୫୫ଟିରୁ ଗୋଟିଏ, ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜି ଷ୍ଟ୍ରେଟଙ୍କ କୋର୍ଟରେ ୭୦ଟିରୁ ୧୧ଟିର, ରାଜନଗର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜି ଷ୍ଟ୍ରେଟଙ୍କ କୋର୍ଟରେ ୩୫ଟିରୁ ୨ଟି ମାମଲାର ଫଇସଲା କରାଯାଇଥିଲା । ୨୫ଟି ପାରିବାରିକ ମୋକଦମା ବିଚାର ପାଇଁ ନିଆଯାଇଥିବା ବେଳେ ସେଥି ମଧ୍ୟରୁ ପରିବାର ଅଦାଲତ ଜଜଙ୍କ କୋର୍ଟରେ ୧୩ଟିରୁ ୭ଟିର ଫଇସଲା କରାଯାଇଥିବା ବେଳେ କେନ୍ଦ୍ରାପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟଙ୍କ କୋର୍ଟରେ ୨ଟିରୁ ୨ଟିର ଫଇସଲା କରାଯାଇଥିବା ବେଳେ ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜି ଷ୍ଟ୍ରେଟଙ୍କ କୋର୍ଟରେ ୧୦ଟି ମାମଲା ବିଚାର ପାଇଁ ନିଆଯାଇଥିବା ବେଳେ ଗୋଟିଏବି ମାମଲାର ବିଚାର କରାଯାଇପାରିନାହିଁ । ୯୫ଟି ମଟରଯାନ ଦୁର୍ଘଟଣା ମାମଲା ମଧ୍ୟରୁ କେନ୍ଦ୍ରାପଡା ଜିଲ୍ଲାଦୌରାଜଜଙ୍କ କୋର୍ଟରେ ୮୦ ଟି ମାମଲା ବିଚାର ପାଇଁ ନିଆଯାଇଥିବା ବେଳେ ସେଥି ମଧ୍ୟରୁ ୨୦ଟିର ବିଚାର କରାଯାଇ ୩୩ ଲକ୍ଷ ୭୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାଜଜଙ୍କ କୋର୍ଟରେ ୧୫ଟିରୁ ୪ଟିର ବିଚାର କରାଯାଇ ଏକଲକ୍ଷ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ସେହିପରି ପ୍ରାକମୋକଦମା ସ୍ତରୀୟ ୫୦୪୯ଟି ବ୍ୟାଙ୍କ ମାମଲା ମଧ୍ୟରୁ ୨୫୫ଟିର ବିଚାର କରାଯାଇ ୪୪ଲକ୍ଷ,୪୫ହଜାର ୨୫ଟଙ୍କା ଆଦାୟ କରାଯାଇଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି । ଏହିସବୁ ଅଦାଲତ ଗୁଡିକୁ କେନ୍ଦ୍ରାପଡା ଜିଲ୍ଲାଦୌରାଜଜ ବାସୁଦେବ ପଣ୍ଡା, ପରିବାର ଅଦାଲତ ଜଜ ଅନୀତା ସାହୁ, ଅତିରିକ୍ତ ଜିଲ୍ଲାଜଜ ଏମ.ଆର.ଦୋରା, ମୁଖ୍ୟ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ମହେନ୍ଦ୍ର କୁମାର ସୁତ୍ରଧର, କେନ୍ଦ୍ରାପଡା ବରିଷ୍ଠ ସିଭିଲ ଜଜ ଜ୍ଞାନରଞ୍ଜନ ପଟ୍ଟନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ବିଶ୍ୱରଞ୍ଜନ ବେହେରା, କେନ୍ଦ୍ରାପଡା ଅତିରିକ୍ତ ବରିଷ୍ଠ ସିଭିଲ ଜଜ ପଦ୍ମଲୋଚନ ବଡଜେନା,ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ,କେନ୍ଦ୍ରାପଡା ଏସଡିଜେମ ଦିଗବିଜୟ ଦାସ,କେନ୍ଦ୍ରାପଡା ସିଭିଲଜଜ ପ୍ରଜ୍ଞା ପୁଜାପ୍ରଦା, କେନ୍ଦ୍ରାପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ସର୍ମିଷ୍ଠା ଜେନା, କେନ୍ଦ୍ରାପଡା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ପାରସ ପାଢୀ, କେନ୍ଦ୍ରାପଡା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ସରିତା ପଣ୍ଡା, କେନ୍ଦ୍ରାପଡା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ଜରିନ ଖାନ,ପଟ୍ଟାମୁଣ୍ଡାଇ ବରିଷ୍ଠ ସିଭିଲ ଜଜ ହର ପ୍ରସାଦ ପାଢୀ, ପଟ୍ଟାମୁଣ୍ଡାଇ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ସାଲୋମି ସାହୁ, ପଟ୍ଟାମୁଣ୍ଡାଇ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ କିଶୋର କୁମାର କର, ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ପି. ସିତାଲକ୍ଷ୍ମୀ,ରାଜନଗର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ସଂଧାନଜୀତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ବୃକ୍ଷରୋପଣ




କେନ୍ଦ୍ରାପଡା (ପିଏନ)- ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ଓ କେନ୍ଦ୍ରାପଡା ପୌରପାଳିକାର ମିଳିତ ଆନୁକୁଲ୍ୟରେ ରବିବାର ପୂର୍ବାହ୍ନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆନନ୍ଦମାର୍ଗ ଠାରୁ ଗରାପୁର କାଳିମନ୍ଦିର ପର୍ଯ୍ୟନ୍ତ ରାସ୍ତାକଡରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ଜିଲ୍ଲାପାଳ ସମର୍ଥ ବର୍ମା, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ବିପ୍ଳବୀ କବି ଆନନ୍ଦ ଜେନା ସ୍ମୃତି କମିଟି ସଭାପତି କରୁଣାକର ଦାସ, ଉପସଭାପତି ପ୍ରଦୀପ କୁମାର ଦାଶ, ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ସାଂସ୍କୃତିକ ସମ୍ପାଦକ ଧିରେନ୍ଦ୍ର କୁମାର ଦାସ, ଶେଷଦେବ ଦାସ, ଗଗନବିହାରୀ ଜେନା, ଦିନବନ୍ଧୁ ନାୟକ, ନିରଞ୍ଜନ ବଳ, ମାନସ କୁମାର ସାହୁ, ଲଳିତେନ୍ଦୁ ପଣ୍ଡା, ସତ୍ୟବ୍ରତ ସିଂ, ନାରାୟଣ ସାହୁ, କିଶୋର ପ୍ରଧାନ,ପୌରସଂସ୍ଥା ହିସାବରକ୍ଷକ ଗଣେଶ କୁମାର ପାତ୍ର,ଅଶୋକ କୁମାର ସାହୁ ,ଯୁବନେତା ଶକ୍ତିକାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ପରିବେଶର ସୁରକ୍ଷା ଓ ଜଳ ସଂରକ୍ଷଣ ନିମନ୍ତେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ସହିତ ବୃକ୍ଷରୋପଣ କରିଥିଲେ ।

# ଗରାପୁର କୋଠିଛକଠାରୁ କାଳୀମନ୍ଦିର ରାସ୍ତାକଡରେ ବୃକ୍ଷରୋପଣ



କେନ୍ଦ୍ରାପଡା (ପିଏନ)- ଗରାପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲ,କେନ୍ଦ୍ରାପଡା ପୌରପାଳିକା ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ରବିବାର ପୂର୍ବାହ୍ନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗରାପୁର ଡାକବଙ୍ଗଳାଛକରେ ଡିଏଭି ପବ୍ଲିକ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଜଳଶକ୍ତି ଅଭିଯାନରେ ଗଣ ବୃକ୍ଷରୋପଣ ନିମନ୍ତେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶର ସୁରକ୍ଷା ଓ ଜଳ ସଂରକ୍ଷଣ ନିମନ୍ତେ ଏହି ଜିଲ୍ଲାରେ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ଥିବାରୁ ସେଥିନିମନ୍ତେ ଜନସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ଜଳଶକ୍ତି ମିଶନ ଦାୟିତ୍ୱରେଥିବା କେନ୍ଦ୍ର ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସଞ୍ଜୟ ସରନ ଯୋଗଦେଇ ଜିଲ୍ଲାର ଜଳସ୍ତର ଆବଶ୍ୟକତା ଠାରୁ ବହୁ ନିମ୍ନ ସ୍ତରକୁ ଚାଲିଯାଇଥିବାରୁ ସେଥିନିମନ୍ତେ ବୃକ୍ଷରୋପଣ ଭଳି ପଦକ୍ଷେପ ସ୍ୱରୂପ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ ।




ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର,ପୌରନିର୍ବାହୀ ଅଧରକାରୀ ଦେବ ପ୍ରସାଦ ବଳ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ବିଭିନ୍ନ ଉପାଦେୟ ବକ୍ତବ୍ୟ ମାଧ୍ୟମରେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ପୌରସଂସ୍ଥା ହିସାବରକ୍ଷକ ଗଣେଶ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଡାକବଙ୍ଗଳାଛକ ଠାରୁ କାଳିମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା କଡରେବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା,ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ,ଶିକ୍ଷୟିତ୍ରୀ ସାଫିନା ସୁଲତାନା,ପ୍ରିୟଙ୍କା ପ୍ରିୟଦର୍ଶିନୀ,ସ୍ୱିରିୟା ବେହେରା,ରଶ୍ମିତା ପାଣି, ବିଜୟଲକ୍ଷ୍ମୀ ପରିଡା, ମମତା ବିଶ୍ୱାଳ,ପ୍ରିୟଙ୍କା ନାୟକ,ପ୍ରଜ୍ଞା ନାୟକ,ଅନମୋଲ ପରୱିନ, ଐସୂର୍ଯ୍ୟା ଦାଶ,ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ହାଇସ୍କୁଲର ଛାତ୍ରଛାତ୍ରୀ,ଶିକ୍ଷକ ଉତ୍ତମ କୁମାର ସ୍ୱାଇଁ, ଜିଲ୍ଲା ଶିକ୍ଷା ବିଭାଗର ରାମସା ସଂଯୋଜକ ପୀତବାସ ପଣ୍ଡା, ଯୁବନେତା ଶକ୍ତିକାନ୍ତ ପାତ୍ର,କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ,ଧିରେନ୍ଦ୍ର କୁମାର ଦାସ,ସରକାରୀ ଓକିଲ ସଞ୍ଜୟ କୁମାର ଜେନା,ବରିଷ୍ଠ ଆଇନଜୀବି ପ୍ରଦୀପ କୁମାର ଦାଶ,ଜିଲ୍ଲାପାଳ ଶ୍ରୀ ବର୍ମା,ଉପଜିଲ୍ଲାପାଳ ଶ୍ରୀ ମହାପାତ୍ର,ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀ ବଳଙ୍କ ସମେତ ଶତାଧିକ ଯୁବକ,ବିଜୁଯୁବବାହିନୀର କର୍ମକର୍ତ୍ତାମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ ନିମନ୍ତେ ସଚେତନତାଧର୍ମୀ ପ୍ରଚାରପତ୍ର ରାସ୍ତାରେ ଲୋକମାନଙ୍କୁ ବାଂଟି ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର



ଚଣ୍ଡିଖୋଲ, ୧୬/୯(ପିଏନ)-ବଡ଼ଚଣା ପ ାୟତ ସମିତି ସ୍ଥିତ ଦକ୍ଷତା ବିକାଶ ସଭା ଗୃହରେ ଆଜି ଜିଲାପାଳ ଯାଜପୁର ଓ ଆରକ୍ଷୀ ଅଧିକ୍ଷକ ଯାଜପୁର ଙ୍କ ମିଳିତ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୨ଶହ ୮୨ଟି ଅଭିଯୋଗ ହୋଇଥିଲା । ସେଥି ମଧ୍ୟରୁ ୧୧ ଟି ସାମୁହିକ ସମାଧାନ ୨ଶହ ୫୮ଟି ବ୍ୟକ୍ତି ଗତ ଅଭିଯୋଗ ଓ ମୂଖ୍ୟ ମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୧୩ ଜଣକୁ ୧ଲକ୍ଷ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ସହ ୧୦୩ଟି ଅଭିଯୋଗ ର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଯାଜପୁର ଜିଲାପାଳ ରଂଜନ କୁମାର ଦାସ, ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମିନା, ପ୍ରକଳ୍ପ ଅଧିକାରୀ ମନୋଜ କୁମର ବେହେରା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସୂଚନା ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବଡ଼ଚଣା ବିଡିଓ ଅଜିତ ପ୍ରସାଦ ନାରାୟଣ ଗିରି, ତହସିଲଦାର ଅଶୋକ କୁମାର ଦାସଙ୍କ ସମେତ ବିଦ୍ୟୁତ ବିଭାଗ, ଜିଲା କୃଷି ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ଅବକାରୀ ଅଧିକ୍ଷକ, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ନିର୍ବାହୀ ଯନ୍ତ୍ରୀ ଜଳ ସେଚନ, ଜଳ ଯୋଗାଣ ଓ ଉଠା ଜଳ ସେଚନ, ଜିଲା ପଶୁ ଚିକିତ୍ସା ଅଧିକାରୀ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ବିଭାଗରେ ଆସିଥିବା ଅଭିଯୋଗ କୁ ସମାଧାନ କରିଥିଲେ । ଏହି ଜନଶୁଣାଣୀ ଶିବିରରେ ବଡ଼ଚଣା ଥାନା ଅଧିକାରୀ ଦିପକ କୁମାର ଜେନା, ଏଏସଆଇ ସହିଦ ଖାନ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଚଣ୍ଡିଖୋଲ, ୧୬/୯(ପିଏନ)- ଧାନମଣ୍ଡଳ ସ୍ଥିତ ହୋଲିଜେସସ ସ୍କୁଲର ଶିକ୍ଷୟିତ୍ରୀ ମୌସୁମି ଦାସଙ୍କୁ ଆଜି ବିଦ୍ୟାଳୟ ତରଫରୁ ବିଦାୟ କଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବିଦାୟ କାଳିନ ସମ୍ବର୍ଦ୍ନାରେ ବିଦ୍ୟାଳୟର ଶିକ୍ଷକ ବିଦ୍ୟୁତ ଶଙ୍କର ଦାସ, ସଂଜୟ କୁମାର ରାଉତ, ଦେବାଶିଷ ନାୟକ, ଶିକ୍ଷୟିତ୍ରୀ ସ୍ମୃତି ପଟନାୟକ, ଲକ୍ଷ୍ମିଧର ମଲିକ, ବିଶ୍ୱାନଥ ବେହେରା, ଲକ୍ଷ୍ମିପ୍ରିୟା ଦାସ, ମୌସୁମୀ ଦାସ, ପ୍ରଣତି ସାହୁ, ପ୍ରିୟଙ୍କା ମଲ୍ହ, ମୌଭାଗ୍ୟ ଲକ୍ଷ୍ମି ପାଣ୍ଡବ, କିରଣ ଯାଦବ, କୋମଲ ପାଟୋଡିଆ, କାଦମ୍ବିନୀ ନାୟକ, ପିପ୍ତିମୟୀ ବେହେରା, ଏ ସୁଜାତା ରାଓ ପ୍ରଜ୍ଞା ପାରମିତା ପରିଡ଼ା, ଗିତାରାଣୀ ମଲିକ, ସୁଷମା ମହାନ୍ତି, ଇପସିତା ଖଟୁଆ ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷୟତ୍ରି ଙ୍କରଛାତ୍ର ବତ୍ସଳତା, ସଭୟାନୁବର୍ତ୍ତିତା, କର୍ତ୍ତବ୍ୟ ନିଷ୍ଠା ଓ ଆମାୟିକ ବ୍ୟବହାରର ପ୍ରଶଂସା କରିଥିଲେ ।ଶେଷରେ ବିଦ୍ୟାଳୟ ତରଫରୁ ବିଦାୟୀ ଶିକ୍ଷୟତ୍ରୀଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରକଦାନ କରାଯାଇଥିଲା ।

# ସିଦ୍ଧ ମହାପୁରୁଷ ବାଲାବାବାଙ୍କ ବାର୍ଷିକୋତ୍ସବ

କେନ୍ଦ୍ରାପଡା(ପିଏନ)- ପବିତ୍ର ଇନ୍ଦୁପୂର୍ଣ୍ଣିମା ଅବସରରେ କେନ୍ଦ୍ରାପଡା ସହରର ଗଣାମାହାଲସ୍ଥିତ ସିଦ୍ଧ ମହାପୁରୁଷ ବାଲାବାବାଙ୍କ ବାର୍ଷିକୋତ୍ସବ ଓ ଭାଗବତ ଜନ୍ମ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଶନିବାର ସକାଳ ୬ଟା ସମୟରେ ଦିଅଁଙ୍କ ପହୁଡ ଖୋଲାଯାଇ ପୂଜାର୍ଚ୍ଚନା କରାଯିବା ପରେ ୮ଟା ସମୟରେ ବାବାଙ୍କର ଏକ ଫଟୋଚିତ୍ର ସୁସଜ୍ଜିତ ବିମାନରେ ତିନିମୁହାଣୀ ଛକଠାରୁ ସାନ୍ତସାହି ପର୍ଯ୍ୟନ୍ତ ନଗର କୀର୍ତ୍ତନରେ ଯାଇ ସହର ପରିକ୍ରମା କରିଥିଲା । ଏହାପରେ ଅପରାହ୍ନ ଗୋଟାଏ ସମୟରେ ବାବାଙ୍କୁ ଷୋଡଶ ଉପଚାରରେ ପୂଜା କରାଯିବା ସହିତ ସନ୍ୟାସୀ ବେଶରେ ସଜ୍ଜିତ କରାଯାଇଥିଲା । ବାବାଙ୍କର ଏହି ବେଶ ଦେଖିବାପାଇଁ ଓ ଆର୍ଶିବାଦ ପାଇଁ ହଜାର ହଜାର ଭକ୍ତଙ୍କର ମନ୍ଦିର ପରିସରରେ ଭିଡ ଜମିଥିଲା । ଏହି କାର୍ଯ୍ୟକ୍ରମକୁ ଶ୍ରୀ ଗୋପିନାଥଜୀଉ, ବିନୋଦବିହାରୀ ଜୀଉ ଓ ବାଲାବାବାଙ୍କ ଟ୍ରଷ୍ଟ ପରିଚାଳନା କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ମନ୍ଦିର ପରିସରରେ ଗତ ୮ତାରିଖଠାରୁ ଆରମ୍ଭ ହୋଇଥିବା ଭାଗବତ କଥାମୃତ ଶନିବାର ରାତିରେ ଶେଷ ହୋଇଥିଲା ।

# ଜିଲ୍ଲାପାଳ ଅଫିସ ସ୍ଥାନାନ୍ତର ନେଇ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ

କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ସମ୍ପର୍କରେ ବିଭିନ୍ନ ଖବର ପ୍ରକାଶ ପାଇବା ପରେ ସେନେଇ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇବା ପରେ କେନ୍ଦ୍ରାପଡାର ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀଙ୍କ ଆବାହକତ୍ୱରେ ଶନିବାର ଅପରାହ୍ନରେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ବରିଷ୍ଠ ନାଗରିକମାନଙ୍କ ଏକ ବୈଠକ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳଙ୍କ ଠାରୁ ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ପ୍ରଥମେ ଅବଗତ ହେବା ପାଇଁ ଏକ ଜଣିଆ କମିଟି ପ୍ରାଧ୍ୟାପକ ଶ୍ରୀ ପରିଡା, ମହମ୍ମଦ ଅଲ୍ଲୀ, ଆଇନଜୀବି ଉମେଶ ଚନ୍ଦ୍ର ସିଂ, ବୈଦ୍ୟନାଥ ଚାଟାର୍ଜୀ, ସରୋଜରାଜ ସିଂ, ଅଧିକାରୀ ପ୍ରଭାତ ଦାସ, ଅଧ୍ୟାପକ ଅଜୟ ସାମଲ, ବିଚିତ୍ରାନନ୍ଦ ମହାନ୍ତି, ବିଜୟକୃଷ୍ଣ ସାହୁ, ରମଣୀରଞ୍ଜନ ରାଉତରାୟ, ମୁକ୍ତାର ଖାଁ, ଶରତ ବେହୁରା, କମଳାକାନ୍ତ ବେହେରା, ଆଶିଷ ସେନାପତି ଓ ସେକ ଅତୁଙ୍କୁ ନେଇ ଗଠନ କରାଯାଇଥିଲା । ଯଦି ଏହି ଘଟଣା ସତ୍ୟ ହୋଇଥାଏ ତେବେ ତାହାର ଦୃଢ ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ବିଦ୍ୟାଳୟରେ ଟିକାକରଣ



ଚଣ୍ଡିଖୋଲ, ୧୬/୯(ପିଏନ)- ଧାନମଣ୍ଡଳ ସ୍ଥିତ ହୋଲିଜେସସ ସ୍କୁଲରେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ବିଦ୍ୟାଳୟରେ ୫ମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ଡିପଥେରିଆ ଓ ଟିଟାନାସ ଟିକା ଦିଆଯାଇଥିଲା । ସ୍ୱାସ୍ଥ୍ୟ କର୍ମୀ ପ୍ରତିମା ନନ୍ଦ, ଆଶା କର୍ମୀ ବନଜା ବେହେରା ପ୍ରମୁଖ ଉପସ୍ଥିତ ରହି ୪୩ ଜଣ ପିଲାଙ୍କୁ ଟିକାଦେଇଥିଲେ । ସରକାରଙ୍କ ନିୟମ ଅନୁସାରେ ୧୦ବର୍ଷରୁ ୧୬ ବର୍ଷ ପିଲାମାନଙ୍କୁ ପୟତି ବର୍ଷ ଡିପଥେରିଆ ଓ ଟିଟାନାସ ଟିକା ପ୍ରଦାନ କରାଯିବ । ଏହାକୁ ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକ, ଶିକ୍ଷୟତ୍ରୀ ମୌସୁମି ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଆସିଲେନି କଳାକାର, ରାଜନୈତିକ ଉତ୍ସବରେ ପରିଣତ ହେଲା ରାଜ୍ୟସ୍ତରୀୟ ମେଘ ଉତ୍ସବ

ଭଦ୍ରକ,(ପିଏନ)- ଭଦ୍ରକରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପ୍ରାୟୋଜିତ ରାଜ୍ୟ ସ୍ତରିୟ ମେଘ ଉତ୍ସବକୁ ଆସିଲେନି ବହୁ କଳାକାର । କାର୍ଯ୍ୟକ୍ରମରେ ଯୋଗ ଦେବା ଦୁରକୁ ଥାଉ କାର୍ଯ୍ୟକ୍ରମ ସଂର୍ପକରେ ଜାଣିପାରିଲେ ନାହିଁ ଅଧିକାଂଶ କଳାକାର । କଳାକାରଙ୍କ ଅନୁପସ୍ଥିତିରେ ରାଜନୈତିକ ଉତ୍ସବ ଭଳି ପାଳିତ ହେଲା ରାଜ୍ୟ ସ୍ତରିୟ ମେଘ ଉତ୍ସବ । ଯାହାକୁ ନେଇ ଜିଲ୍ଲାବ୍ୟାପି ସଂସ୍କୃତିପ୍ରେମୀଙ୍କ ମଧ୍ୟରେ ପ୍ରକାଶ ପାଇଛି ତିବ୍ର ପ୍ରତିକ୍ରିୟା । କଳାର ପ୍ରଚାର ପ୍ରସାର ସହିତ ଆଂଚଳିକ କଳାକାର ମାନଙ୍କୁ ପ୍ରୋତ୍ସାହିତ କରିବା ସକାସେ ରାଜ୍ୟ ସରକାରଙ୍କ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରଥମ ଥରପାଇଁ ଭଦ୍ରକ ଜିଲ୍ଲାରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା । ଭଦ୍ରକ ଶହିଦ ସ୍ମୃତି ଭବନ ଠାରେ ଗତ ଶୁକ୍ରବାର ଏବଂ ଶନିବାର ଦୁଇଦିନ ଧରି ଏହି ଉତ୍ସବ ପାଳିତ ହୋଇଛି । ଉତ୍ସବକୁ ରାଜ୍ୟ ପର୍ଯ୍ୟଟନ,ଓଡିଆଭାଷା,ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦଘାଟନ କରିଥିଲେ । ଏଥିରେ ବିଭାଗିୟ ସଚିବ ବିଜୟ ନାୟକ, ସ୍ୱତନ୍ତ୍ର ସଚିବ ରାମକୃଷ୍ଣ ସାହୁଙ୍କ ସହିତ ଶାସକ ଦଳର ବିଭିନ୍ନ ଜନ ପ୍ରତିନିଧି ଏବଂ ଜିଲ୍ଲା ସଂସ୍କୃତି ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଯୋଗ ଦେଇଥିଲେ । କୁହାଯାଇଛି ଜିଲ୍ଲା ସ୍ତରରେ ଅନୁଷ୍ଠିତ ଏହି ଦୁଇଦିନିଆ ଉତ୍ସବ ଆୟୋଜନରେ ଏକାଡେମୀ ପକ୍ଷରୁ ୧୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରାଯାଇଥିଲା । ତେବେ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବ ସକାସେ ବିଭାଗ ପକ୍ଷରୁ ଅନୁରୁପ ପ୍ରଚାର ପ୍ରସାର କରାଯାଇନଥିବା ଯୋଗୁ ଏଥିରେ କଳା ଏବଂ ସଂସ୍କୃତି ସହ ସଂପୃକ୍ତ ବହୁ କଳାକାର ଯୋଗ ଦେଇପାରିନଥିଲେ । ଭଦ୍ରକ ଜିଲ୍ଲାରେ ସରକାରୀଭାବେ ପ୍ରାୟ ୧୩ ଶହ ଲୋକଙ୍କୁ ସଂସ୍କୃତି ବିଭାଗ ପକ୍ଷରୁ କଳାକାର ଭତା ଯୋଗାଇ ଦିଆଯାଇଥିବା ବେଳେ ଉତ୍ସବରେ ୫୦ ଜଣ କଳାକାର ମଧ୍ୟ ଯୋଗ ଦେଇନଥିଲେ । ଜିଲ୍ଲାରେ ପଞ୍ଜୀକୃତ କଳାକାରଙ୍କ ସଂଖ୍ୟା ୧୩ ଶହରୁ ଉର୍ଦ୍ଧ ହୋଇଥିଲେ ମଧ୍ୟ ମାତ୍ର ୨ ଶହ କଳାକାରଙ୍କ ଉଦ୍ଦେଶ୍ୟରେ ସଂସ୍କୃତିବିଭାଗ ଦ୍ୱାରା ପ୍ରସ୍ତୁତ ନିମନ୍ତ୍ରଣପତ୍ର ବଂଟନ କରାଯାଇଥିଲା । ଏହାକୁ ଜିଲ୍ଲା ସଂସ୍କୃତି ବିଭାଗ ନିଜେ ବଂଟନ ନକରି ଜିଲ୍ଲାର ଜଣେ ରାଜ୍ୟ ସ୍ତରିୟ କଳାକାରଙ୍କ ଜରିଆରେ ବଂଟନ କରାଯାଇଥିଲା । ଫଳରେ ଏକାଡେମୀ ପକ୍ଷରୁ ବଂଟନ କରାଯାଇଥିବା ଏହି ନିମନ୍ତ୍ରପତ୍ର ପ୍ରକୃତପକ୍ଷେ କଳାକାରଙ୍କ ପାଖରେ ପହଁଚିଥିଲା ଅଥବା ନାହିଁ ତାହାର କୌଣସି ସ୍ୱଷ୍ଟ ସୁଚନା ବିଭାଗ ପାଖରେ ନାହିଁ । ସେହିଭଳି ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି ଉତ୍ସବ ପାଳିତ ହେଉଥିଲେ ମଧ୍ୟ ଏଥିନେଇ ଜିଲ୍ଲା ସଂସ୍କୃତିବିଭାଗ ପକ୍ଷରୁ ବିଜ୍ଞାପନ ଦିଆଯିବା ଦୁରକୁ ଥାଉ ଜିଲ୍ଲା ସ୍ତରରେ ସାମ୍ବାଦିକ ସମ୍ମିଳନୀ ଟିଏ ମଧ୍ୟ କରାଯାଇନଥିଲା ।




# ମୃତ୍ୟୁଂ ଅବଲୋପୟ...



ଆତ୍ମହତ୍ୟା ଏକ ସାମାଜିକ ଓ ମାନସିକ ସମସ୍ୟା ହେବା ସହ ଆଇନ ଅନୁଯାୟୀ ଏକ ଅପରାଧ। ଏହି ଅପରାଧ ପାଇଁ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଦଣ୍ଡର ବ୍ୟବସ୍ଥା ରହିଛି। ଏହା ହେଲା ଆଇନଗତ ଦିଗ। ତେବେ ଧର୍ମଦିଗ ଦେଇ ମଧ୍ୟ ଆତ୍ମହତ୍ୟା ଏକ ଅପରାଧ, ମହାପାପ। ବିଭିନ୍ନ ମତାବଲମ୍ବୀ ବ୍ୟକ୍ତିମାନେ ଆତ୍ମହତ୍ୟାକୁ ନେଇ ବିଭିନ୍ନ ପ୍ରକାର ମତବ୍ୟକ୍ତ କରନ୍ତି। ଇହୁଦିମାନେ ଆତ୍ମହତ୍ୟାକୁ ଘୃଣା କରନ୍ତି। ଇହୁଦି କବରସ୍ଥାନରେ ଆତ୍ମହତ୍ୟା କରିଥିବା ବ୍ୟକ୍ତିମାନଙ୍କୁ ଅଲଗା କବର ଦିଆଯାଏ। ସେମାନଙ୍କ ପାଇଁ ଶୋକ ପାଳନରେ ଅନେକ ଧାର୍ମିକ ରୀତିନୀତି ପାଳନ କରାଯାଏ ନାହିଁ। ଇହୁଦୀମାନେ ଆତ୍ମହତ୍ୟାକୁ କୌଣସି ମତେ ସ୍ୱୀକାର କରନ୍ତି ନାହିଁ। ଆତ୍ମହତ୍ୟା ପାଇଁ ସହଯୋଗ ମାଗିବା ଏବଂ ସହଯୋଗଦେବା ମଧ୍ୟ ମହାପାପ। ରୋମାନ କ୍ୟାଥଲିକ୍ ଖ୍ରୀଷ୍ଟିୟ ମାନ୍ୟତା ଅନୁଯାୟୀ ଆତ୍ମହତ୍ୟା ମହାପାପ। କାରଣ ଏହା ଖ୍ରୀଷ୍ଟଧର୍ମର ମୂଳନୀତିକୁ ବିରୋଧ କରେ। ତେବେ ସେମାନେ ଏହି ପାପର ବିଚାର ଈଶ୍ୱର କରିବେ ବୋଲି ମତ ଦିଅନ୍ତି। ତେଣୁ ଆତ୍ମହତ୍ୟା କରିଥିବା ବ୍ୟକ୍ତି ପାଇଁ ଚର୍ଚ୍ଚରେ ଶୋକ ପ୍ରାର୍ଥନା ଅନୁଷ୍ଠିତ ହୁଏ। ପୂର୍ବେ ରକ୍ଷଣଶୀଳ କ୍ୟାଥଲିକ୍ ଚର୍ଚ୍ଚ ଗୁଡ଼ିକ ଆତ୍ମହତ୍ୟା କରୁଥିବା ବ୍ୟକ୍ତିଙ୍କୁ କବର ଦେବା ଏବଂ ସେମାନଙ୍କୁ ଶୋକ ପ୍ରାର୍ଥନା ପାଇଁ ବାରଣ କରୁଥିଲେ କିନ୍ତୁ ଏବେ ଏଥିରେ ପରିବର୍ତ୍ତନ ଆସିଛି। ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟିୟ ମାନ୍ୟତା ଅନୁଯାୟୀ – ଆତ୍ମହତ୍ୟା କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଉପହାରକୁ ଗ୍ରହଣ କରିପାରେ ନାହିଁ। ଏହି ମାନ୍ୟତା ଅନୁଯାୟୀ ଆତ୍ମହତ୍ୟା ଅକ୍ଷମଣୀୟ ପାପ ନୁହେଁ ବରଂ ଈଶ୍ୱର ଦେଉଥିବା ଉପହାରକୁ ଅସ୍ୱୀକାର କରିବା ହିଁ ପାପ। ଇସ୍‌ଲାମ ଧର୍ମ ଅନୁଯାୟୀ ଆତ୍ମହତ୍ୟା ମହାପାପ ମଧ୍ୟରୁ ଅନ୍ୟତମ। ଏହା ମନୁଷ୍ୟର ଆଧ୍ୟାତ୍ମିକ ଯାତ୍ରା କ୍ଷେତ୍ରରେ ପ୍ରତିବନ୍ଧକ। ମହାପୁରୁଷ ମହମ୍ମଦଙ୍କ ଉପଦେଶ ଅନୁଯାୟୀ ଯେଉଁ ବ୍ୟକ୍ତି ଆତ୍ମହତ୍ୟା ପାଇଁ ଯେଉଁ ରାସ୍ତା ବାଛିଥାଏ, ମୃତ୍ୟୁ ପରେ ତାକୁ ସେହି ଦଣ୍ଡ ଦିଆଯାଏ। ହିନ୍ଦୁଧର୍ମରେ ଆତ୍ମହତ୍ୟା ଗ୍ରହଣୀୟ ନୁହେଁ। ଏହା ଅହିଂସାର ବିରୁଦ୍ଧାଚରଣ। ଏହା ହତ୍ୟା ସମକକ୍ଷ ପାପ। ଆତ୍ମହତ୍ୟା କରୁଥିବା ବ୍ୟକ୍ତିର ଆତ୍ମା ସବୁବେଳେ ଅସନ୍ତୁଷ୍ଟ ରହି ପ୍ରେତ ଭାବରେ ବୁଲୁଥାଏ। ଜୈନଧର୍ମରେ ଆତ୍ମହତ୍ୟାକୁ ସବୁଠାରୁ ଭୟଙ୍କର ହିଂସା ଭାବରେ ଅଭିହିତ କରାଯାଇଛି। ଏହା ଜୈନଧର୍ମର ମୂଳନୀତି ଅହିଂସାର ବିରୁଦ୍ଧାଚରଣ। ବୌଦ୍ଧଧର୍ମ ଅହିଂସା ଉପରେ ପର୍ଯ୍ୟବେସିତ। ତେଣୁ ଆତ୍ମହତ୍ୟା କରିବା ବୌଦ୍ଧଧର୍ମରେ ଗ୍ରହଣୀୟ ନୁହେଁ। ଏହା ଜ୍ଞାନ ପ୍ରାପ୍ତିର ପ୍ରତିବନ୍ଧକ ବୋଲି ବୌଦ୍ଧଧର୍ମ କୁହେ। ପରମ ଦୟାମୟ ବିଶ୍ୱସ୍ରଷ୍ଟା ଯେତେବେଳେ ନରରୂପ ପରିଗ୍ରହଣ କରି ଏହି ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି, ତାଙ୍କର ଅଭିଯାନ ହୁଏ ମୃତ୍ୟୁ ଓ ଅବିନାଶ ବିରୁଦ୍ଧରେ। ତାଙ୍କର ରଥଚକ୍ର ନିଷ୍ପେସଣରେ ସଇତାନର ହାଡ଼ ଭାଙ୍ଗି ଗୁଣ୍ଡ ହୋଇଯାଏ। ଶେଷରେ ପ୍ରଭୁ ଜୟଯୁକ୍ତ ହୁଅନ୍ତି। ବଜ୍ରନିନାଦ କଣ୍ଠରେ କଳିଯୁଗର ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଦ୍‌ଘୋଷଣା କଲେ – ମା ମ୍ରିୟସ୍ୱ, ମା ଯହି, ଶକ୍ୟତେ୍ ଚେତ୍ ମୃତ୍ୟୁଂ ଅବଲୋପୟ – ମର ନା, ମାର ନା, ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର। ପୂର୍ବତନ ପ୍ରେରିତ ଅବତାର ପୁରୁଷମାନେ ମଧ୍ୟ ଏହି ଭାବରେ ଏକ ତଥ୍ୟ ପରିବେଷଣ କରିଛନ୍ତି। ଜନ୍ମମୃତ୍ୟୁର ରହସ୍ୟ ଭେଦକରି ପରବ୍ରହ୍ମ କୁଳମାଳିକ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ, ଜନ୍ମେ ପୁଣି ସେଭଳି ସ୍ଥାନେ ସେହି ଭାବର ପଥ ପାଏ ଯେବେ। ମୃତ୍ୟୁ ସମୟରେ ମନୁଷ୍ୟ ଏକ ଭାବ ବା ଚିନ୍ତା ଭିତରେ ଲୟ ହୋଇଯାଏ। ଏହି ଭାବ ବା ଚିନ୍ତା ଭିତରେ ତାର ସବୁକିଛି ଗଭୀରତର ଛାପ ଓ ଝୁଙ୍କ୍ ବା ଆଗ୍ରହ ଏକାଗ୍ର ହୋଇରହେ। କୌଣସି ଦମ୍ପତ୍ତିର ମିଳନ ସମୟରେ ଏହି ଭାବର ସଂଗତି ଯେଉଁଠାରେ ସୃଷ୍ଟି ହୁଏ ସେହିଠାରେ ତାର ଆସିବା ସମ୍ଭବ ହୁଏ। ଯେଉଁ ଭାବ ବା ଭାବଦେହ ନେଇ ଆମ୍ଭେମାନେ ବିଗତ ହେଉ ସେହି ଭାବ ବା ଭାବଦେହର ସଂଗତି ଯେଉଁଠାରେ ସୃଷ୍ଟି ହୁଏ ସେହିଠାରେ ହିଁ ପୁନରାବିର୍ଭାବ ହୁଏ। ଭାବ ଦେହଟା ଏତେ ସୂକ୍ଷ୍ମ ଯେ ଏହା ଯେକୌଣସି ସ୍ଥାନରେ ବା ଯେକୌଣସି ମୁହୂର୍ତ୍ତରେ ପ୍ରବେଶ କରିପାରେ। ପ୍ରକୃତପକ୍ଷରେ ଏହି ଭାବଦେହ ଓ ପିତାମାତାଙ୍କ ଠାରୁ ପ୍ରାପ୍ତ ଦେହ ସମାନ। ତୁମେ ଓ ତୁମର ଫଟୋ ଯେଭଳି ଅଲଗା ନୁହେଁ ଏହା ମଧ୍ୟ ସେହିଭଳି। ଆତ୍ମହତ୍ୟାର ଯେଉଁ ବିକଟ ରୂପ ଓ ଚିନ୍ତାଧାରା ନେଇ ଯେଉଁମାନେ ଏହି ଗର୍ହିତ କର୍ମ କରନ୍ତି ସେହି ଭାବ ଜନ୍ମ ଜନ୍ମାନ୍ତର ଧରି ତାଙ୍କ ପାଖରେ ରହିଥାଏ। ଏହି କାଳଚକ୍ରରୁ ମୁକ୍ତି ପାଇବା ପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଉଦ୍‌ଘୋଷଣା କଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର – ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ – ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ସହପ୍ରତିରତ୍ୱିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି [illegible]

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜୟନ୍ତୀ ପାଳିତ



କଟକ (ପିଏନ୍): ପବିତ୍ର ତାଳନବମୀ ଅବସରରେ କଟକ କାଠଗୋଲା ରୋଡ଼ସ୍ଥିତ ରେଡ଼ମଣ୍ଡ ପରିସରରେ ସହପ୍ରତିରତ୍ୱିକ ତଥା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ହେପାଟୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ସହପ୍ରତିରତ୍ୱିକ ରଜନୀକାନ୍ତ ଦେ ପ୍ରସଙ୍ଗୀ ଆହ୍ୱାନୀ ଦେଇଥିବାବେଳେ ମାତୃବନ୍ଦନା ଗାନ କରିଥିଲେ ଅଭିଷେକ ଜେନା। ସଂକୀର୍ତ୍ତନ ବିଶାରଦ ବିଚିତ୍ରାନନ୍ଦ ବାରିକ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ, ଅତନୁ କୁମାର ଜେନା, ଗଦାଧର ମହାପାତ୍ର, ଡକ୍ଟର ଅକ୍ଷୟ କୁମାର ମିଶ୍ର, ହରେକୃଷ୍ଣ ବେହେରା, ନଗେନ୍ଦ୍ର ପ୍ରଧାନ, ଅମିତ୍ କୁମାର ହାଲ୍‌ଦାର, ଆଶୁତୋଷ କୁଣ୍ଡୁ, ଶ୍ୟାମସୁନ୍ଦର ସାମଲ, ଉଦୟ ବାବୁ, ସ୍ୱାଗତ ତୁଷାର, ଚାରୁବାଳା ମହାନ୍ତି, ସଞ୍ଜୁରେଖା ଜେନା ପ୍ରମୁଖ ପରିଚାଳନା କରିଥିଲେ। ପବିତ୍ର ସତ୍ୟାନୁସରଣ ପାଠ ସହ ଯୁଗପୁରୁଷୋତ୍ତମଙ୍କ ଆବିର୍ଭାବ ଦିବସର ତାତ୍ପର୍ଯ୍ୟ ଓ ସତ୍‌ସଙ୍ଗର ଆଧ୍ୟାତ୍ମିକ ବିଚାର ଓ ମାନବ ସେବାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରାସଙ୍ଗିକ ବାଣୀର ବିଭିନ୍ନ ଦିଗ ଉପରେ ଯୁଗପୁରୁଷୋତ୍ତମଙ୍କ ଅନୁଗାମୀ ମାନଙ୍କୁ ଆଧ୍ୟାତ୍ମିକ ମାର୍ଗଦର୍ଶନ କରିଥିଲେ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର। ଶେଷରେ ଆନନ୍ଦ ବଜାର ଅନୁଷ୍ଠିତ ହୋଇଥିଲା।

# ସୁନିଆଁ ଏବଂ ବାମନ ଜନ୍ମ





ଓଡ଼ିଶାରେ ରାଜକୀୟ ନବବର୍ଷ ଆରମ୍ଭ ହୁଏ ଭାଦ୍ରବ ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆଁ ଠାରୁ। ଓଡ଼ିଆ ପାଞ୍ଜିର ଆରମ୍ଭ ହୁଏ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରୁ ଏବଂ ଏହି ଦିନଟି ସାଧାରଣରେ ଓଡ଼ିଆ ନବବର୍ଷ ଭାବେ ଗୃହୀତ ହୋଇଛି। ମାତ୍ର ସୁନିଆଁ ହେଉଛି ଓଡ଼ିଆ ରାଜାଙ୍କର ରାଜତ୍ୱର ଅଙ୍କ ଗଣନା ବର୍ଷର ପ୍ରଥମ ଦିନ। ପୁଣି ରାଜାଙ୍କର ରାଜସ୍ୱ ଆଦାୟ ଓ ନୂଆଖାତା ଆରମ୍ଭ ହୁଏ ଏହି ସୁନିଆଁ ଦିନ। ସୁନିଆଁ ଦିନ ଗୋଟିଏ ସୁନା ମୋହର ଉପରେ ରାଜାଙ୍କ ରାଜତ୍ୱର ଅଙ୍କ ବା ବର୍ଷ ଚିହ୍ନଟ କରାଯାଏ। ଏହାକୁ ସାଧାରଣ ଭାଷାରେ କହନ୍ତି ଅଙ୍କକଟା। ଏହି ଦିନଟି ରାଜକୀୟ ବର୍ଷ ଆରମ୍ଭର ପ୍ରଥମ ଦିନ ଏବଂ ସୁନା ଶବ୍ଦ ସହ ଜଡ଼ିତ ହୋଇଥିବାରୁ ସମ୍ଭବତଃ ସୁନିଆଁ ଭାବେ ପାଳିତ ହେଉଛି। ପୁଣି ଏହି ଦିନ ସର୍ବତ୍ର ବାମନ ଜନ୍ମ ପାଳିତ ହୋଇଥାଏ। ବିଷ୍ଣୁଙ୍କ ଦଶ ଅବତାର ମଧ୍ୟରୁ ବାମନ ହେଉଛନ୍ତି ଏଭଳି ରାଜନୀତି ପ୍ରବଣ ଯେ ନିଜ ବୁଦ୍ଧି ବିଚକ୍ଷଣତା ଦ୍ୱାରା ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନି ଭୁବନକୁ ନିଜ ପାଦତଳେ ରଖିବା ସହ ବଳୀ ପରି ଶାସକଙ୍କୁ ମଧ୍ୟ ପାତାଳକୁ ଚାପି ଦେଇଥିଲେ। ତେଣୁ ଫସଲ ଅମଳ ପରେ ରାଜକୋଷକୁ ସମୃଦ୍ଧ କରି ରାଜାମାନେ ତ୍ରିବିକ୍ରମ ବାମନଙ୍କ ପରାକ୍ରମକୁ ପାଥେୟ କରି ବାହାରୁଥିଲେ ଦେଶଜୟ କରିବାକୁ। ସୁନିଆଁ ଠାରୁ ସନ ଓ ସାଲ ଗଣନା ଆରମ୍ଭ ହୁଏ। ସୁନିଆ ଦିନରୁ ରାଜସ୍ୱ ଆଦାୟ ଆରମ୍ଭ ହେବା ସହ ନୂଆ ଅଙ୍କର ବର୍ଷ ଏହି ଦିନ ଠାରୁ ଆରମ୍ଭ ହୋଇଥାଏ। ଉଭୟ ରାଜା ଓ ପ୍ରଜାଙ୍କର ବର୍ଷର ଆରମ୍ଭ ଦିବସ ହେଉଛି ହିଁ ସୁନିଆ। ଲୋକକଥାକୁ ଦେଖିଲେ ଜଣାଯାଏ ଯେ, ଏହି ସମୟରେ ଧାନ ଅମଳ ସରିଥିବାରୁ ପ୍ରଜାମାନଙ୍କ ଠାରୁ ରାଜା ବା ଜମିଦାରଙ୍କ ପକ୍ଷରୁ ରାଜସ୍ୱ ଆଦାୟ ପାଇଁ ଭାଦ୍ରବମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ବା ସୁନିଆକୁ ବାଛିଥିଲେ। ଜମିଦାରୀପ୍ରଥାର ଉଚ୍ଛେଦ ପରେ ସୁନିଆ ଦିନର ଗୁରୁତ୍ୱ ଆଜି ସାମ୍ପ୍ରତିକ ସମୟରେ କମିଯାଇଛି ସତ କିନ୍ତୁ ଏହା ଭିତରେ ପରମ୍ପରାର ସ୍ମୃତି ଅନ୍ତର୍ନିହିତ ରହିଛି। ଏହି ଦିନଟି ବାମନ ଜନ୍ମ ଭାବରେ ଉତ୍କଳୀୟ ଚେତନାରେ ପାଳିତ ହୋଇଥାଏ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ଭାବରେ ଓଡ଼ିଶାର ଘରେ ଘରେ ସେ ଦେବାୟତନରେ ପାଳିତ ହୋଇଥାଏ। ଦଶଅବତାର ମଧ୍ୟରୁ ବିଚକ୍ଷଣ ବୁଦ୍ଧିସମ୍ପନ୍ନ ବାମନ ହେଉଛନ୍ତି ଅନ୍ୟତମ ଅବତାର। ତାଙ୍କୁ ରାଜନୀତି କୁଶଳ ବୁଦ୍ଧିସମ୍ପନ୍ନ ଭାବେ ବିବେଚନ କରାଯାଇଥାଏ। ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତ୍ରିପୁରକୁ ନିଜ ପାଦତଳେ ଚାପି ଦେଇ ବଳୀଙ୍କ ପରି ପ୍ରବଳ ପରାକ୍ରମୀ ଶାସକଙ୍କୁ ପାତାଳ ଭିତରକୁ ଚାପି ଦେଇଥିଲେ। ବେଦରେ ବାମନ ଅବତାରଙ୍କୁ ତାଙ୍କ ମହିମାକୁ ବର୍ଣ୍ଣନା କରି ଉଲ୍ଲେଖ ରହିଛି – 'ଏକୋ ବିକ୍ରମେ ତ୍ରିଭିରିତ୍ ପଦେଭିଃ'। ଯାହାର ଅର୍ଥ ହେଉଛି ବାମନ ତିନୋଟି ପାଦରେ ସମଗ୍ର ବିଶ୍ୱକୁ ନିଜ ପାଦରେ ଆକ୍ରାନ୍ତ କରିଥିଲେ। ସେହିପରି ନୂତନ ବର୍ଷରେ ଶୁଭସଂକେତକୁ ସ୍ମୃତିରେ ରଖି ଓ ତ୍ରିବିକ୍ରମ ବାମନଙ୍କୁ ତାଙ୍କ ପରାକ୍ରମକୁ ପାଥେୟ କରି ରାଜାମାନେ ଦେଶ ଜୟର ଆକାଂକ୍ଷା ପୂରଣ କରୁଥିଲେ। ଏହି ସୁନିଆ ଦିନ ଗୋଟିଏ ସୁନା ମୋହର ଉପରେ ରାଜାଙ୍କ ରାଜତ୍ୱର ଅଙ୍କ ଚିହ୍ନିତ କରାଯାଏ। ଓଡ଼ିଆ ଜନଜୀବନ ଓ ସର୍ବୋପରି ଉତ୍କଳୀୟ ଆଧ୍ୟାତ୍ମିକ ଚେତନାରେ ସୁନିଆର ସ୍ଥାନ ସ୍ୱତନ୍ତ୍ର।

**ନାଟ୍ୟସାରଥି ଅଭୟ କୁମାର ଦାସ**, ଗୋତରା, ମାହାଙ୍ଗା, କଟକ, ଦୂରଭାଷ: ୯୪୩୭୧୪୨୭୧୭


## DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Phagun Communication


# କୃଷି ଉଦ୍ୟୋଗ ସହାୟକ କର୍ମଶାଳା ଉଦ୍‌ଯାପିତ

ବାଲିଆପାଳ (ପିଏନ୍)–କୃଷି ଓ କୃଷକକୁ ନେଇ ଆରମ୍ଭ ହୋଇଥିବା ଅଟଳ ଯୋଜନା ସାରା ଭାରତରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜାତୀୟ ଦକ୍ଷତା ବିକାଶ ମିଶନ ଦ୍ୱାରା ପ୍ରସାରିତ ଏହି ଯୋଜନା ଦ୍ୱାରା ସାରା ଓଡ଼ିଶାର ଏକଲକ୍ଷ ଚାଷୀଙ୍କୁ ତାଲିମ ଦେଇ ଉଦ୍ୟୋଗୀ କରିବାର ଯୋଜନା ରହିଛି। ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଦକ୍ଷତାର ପରିପ୍ରକାଶ ନିମନ୍ତେ ଏହାର ପରିକଳ୍ପନା। କୃଷି ଏକ ବ୍ୟବସାୟ ନୁହେଁ ବରଂ କର୍ମସିକ୍ତ ଜୀବନର ଏକ ସମ୍ବେଦନଶୀଳ ଉଚ୍ଚାରଣ। କୃଷକ ହେଉଛି ଏ ଆବାହନର ମାର୍ଗଦର୍ଶକ। ଜାତୀୟ ଦକ୍ଷତା ମିଶନ ଦ୍ୱାରା ପରିଚାଳିତ ଏହି ଯୋଜନା କୃଷକଙ୍କୁ ଉଦ୍ୟୋଗୀକରଣ କରିବା ଦିଗରେ ସାହାଯ୍ୟ କରିବ। ଉଦ୍‌ଯାପନୀ ଉତ୍ସବରେ ଚାଷୀମାନଙ୍କୁ ପନିପରିବା ଫସଲ ଉପରେ ପଢ଼ାଯାଇଥିବା ବିଷୟର ପରୀକ୍ଷା ହେବା ସହ ମୌଖିକ ଭାବେ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର ଡ଼ି ଶୁଭମ୍ ଓ ଜୀବନ କୁମାର ନାୟକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ନିକଟସ୍ଥ ପଂଚୁପାଲି ଗ୍ରାମରେ କୃଷକମାନଙ୍କୁ ତାଲିମ ଦେଇଥିଲେ। ସ୍ୱର୍ଶ ଟ୍ରଷ୍ଟର ଆନୁକୂଲ୍ୟରେ ଆୟୋଜିତ ଏହି କୃଷକ ପ୍ରଶିକ୍ଷଣ କର୍ମଶାଳାରେ ଆଖପାଖ ଗ୍ରାମର ପ୍ରାୟ ୧୦୦ ଜଣ ଚାଷୀ ଉପସ୍ଥିତ ରହି ତାଲିମ ନେଇଥିଲେ। ଏହି ଶିବିରରେ ପ୍ରଶିକ୍ଷକମାନେ ପାରମ୍ପରିକ କୃଷି ଅପେକ୍ଷା ଜୈବିକ କୃଷିର ମହତ୍ତ୍ୱକୁ ପ୍ରତିପାଦିତ କରିଥିଲେ। ଜୈବିକ କୃଷିର ବହୁଳ ବ୍ୟବହାର କଲେ ଅମଳ କିପରି ଦୁଇଗୁଣ ହେବ, ଏହାସହ ପଂଚଗବ୍ୟ, ଦଶଗବ୍ୟ, ନୀମାସ୍ତ୍ର ପ୍ରଭୃତିର ପ୍ରସ୍ତୁତି ବିଷୟରେ ଚାଷୀମାନଙ୍କୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହାପରେ କୃଷି ପ୍ରଶିକ୍ଷକମାନେ ପନିପରିବାଜାତୀୟ ଫସଲ ଉପରେ ତାଲିମ ଦେବା ସହ ବାଇଗଣ ଫସଲ ନିମନ୍ତେ ଉପଯୁକ୍ତ ଜଳବାୟୁ, ମୃତ୍ତିକା ଓ ତଳି ପ୍ରସ୍ତୁତି ଓ ବାଇଗଣର ସମନ୍ୱିତ ରୋଗକୀଟ ପରିଚାଳନା ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ। ସ୍ୱର୍ଶ ଟ୍ରଷ୍ଟର ମୁଖ୍ୟ ସରୋଜ ପ୍ରଧାନ ଚାଷୀମାନଙ୍କ ସହ ଏହି ଯୋଜନା ବିଷୟରେ ଆଲୋଚନା କରିବା ସହ ତାଲିମ ଶେଷରେ ସେମାନଙ୍କୁ ଦକ୍ଷତା ବିକାଶର ପ୍ରମାଣପତ୍ର ମିଳିବ ବୋଲି ଉପସ୍ଥାପନ କରିଥିଲେ। ଏହାସହ ଏହି ପ୍ରମାଣପତ୍ର ଭବିଷ୍ୟତରେ ସେମାନଙ୍କୁ ଉଦ୍ୟୋଗୀ କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଏହି କର୍ମଶାଳା ଆହୁରି ୭ଦିନ ଚାଲିବ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଏହି କର୍ମଶାଳାରେ ଗଜେନ୍ଦ୍ର ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



**ସେମାନଙ୍କ ମୁହଁରୁ**–ସାରା ଦେଶରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କୃଷି ହେଉଛି ସଭ୍ୟତାର ମାନଦଣ୍ଡ ଆଉ କୃଷକ ଏହାର ମୂକସାକ୍ଷୀ। ଏହି ପରିପ୍ରେକ୍ଷୀରେ ଅଟଳ ଯୋଜନା ଏକଲକ୍ଷ ଚାଷୀଙ୍କର ପୂର୍ବ କୌଶଳ ଓ ଅନୁଭବକୁ ମାନ୍ୟତା ଦେବା ଦିଗରେ କାର୍ଯ୍ୟ କରୁଛି। ଜୀବନଜୀବିକାର ଏକ ମାଧ୍ୟମ ଏହି କୃଷିର ଉଦ୍ୟୋଗୀକରଣ ଆଉ କୃଷକକୁ ଉଦ୍ୟୋଗୀ କରିବା ସହ କୃଷକଙ୍କ ଆୟକୁ କିପରି ଦୁଇଗୁଣ କରାଯାଇପାରିବ, ତାହାହିଁ ଏହି ଯୋଜନାର ମୂଳଲକ୍ଷ୍ୟ। ଏହାଦ୍ୱାରା ଉଭୟ ଚାଷୀ ଓ ଚାଷର ଲାଭ ହେବା ସହ ଭବିଷ୍ୟତରେ ଏହା ଜଣେ ସାଧାରଣ କୃଷକକୁ ଆୟ ଯୋଗାଇବାରେ ସାହାଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ।

**–ଡି ଶୁଭମ୍, ବାସୁଦେବପୁର, ଭଦ୍ରକ**



ମୋ' ମତରେ ଆଜିର ଯୁଗରେ ସବୁଠୁ ବଡ଼ ଅସୁବିଧା ହେଉଛି କୃଷକ ମାନେ ନିଜର ଜିନିଷକୁ ବିକ୍ରୟ କରିପାରୁନାହାନ୍ତି ଓ ନିଜର ଉପଯୁକ୍ତ ପାରିଶ୍ରମିକ ଫଳ ପାଇପାରୁନାହାନ୍ତି। ନିଜର ଆବଶ୍ୟକୀୟ ପଦାର୍ଥ ନଷ୍ଟ ହେଉଛି। ସେଥିପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ଇ-ନାମ ଯୋଜନାରେ କୃଷକ ନିଜର ଜିନିଷକୁ ରାଜ୍ୟ ଓ ରାଜ୍ୟ ବାହାରେ ଉପଯୁକ୍ତ ମୂଲ୍ୟରେ ବିକ୍ରୟ କରିପାରିବ। ଏହି ଅଟଳ ଯୋଜନା କୃଷକମାନଙ୍କୁ ଉଦ୍ୟୋଗୀ କରିବା ଦିଗରେ କାମ କରୁଛି। ମୋ' ମତରେ ଏହି ଯୋଜନା ସୁଦୂରପ୍ରସାରୀ ହେବା ସହ କୃଷକଙ୍କ କଲ୍ୟାଣ ଦିଗରେ କାର୍ଯ୍ୟ କରିବ।

**–ଜୀବନ କୁମାର ନାୟକ, କପ୍ତିପଦା, ମୟୂରଭଂଜ**

## ଦିଲ୍ଲୀ ଓଡ଼ିଆ ସମାଜ ପକ୍ଷରୁ ଗଜାନନଙ୍କ ଜନ୍ମ ଉତ୍ସବ ସମାପିତ



ଭୁବନେଶ୍ୱର (ପିଏନ୍): ଦୀର୍ଘ ୧୯ବର୍ଷ ଧରି ଶ୍ରୀ ଗଣେଶ ପୂଜା କମିଟି ଦିଲ୍ଲୀ ଓଡ଼ିଆ ସମାଜ ଦ୍ୱାରା ବିକାଶପୁରୀ ଠାରେ ଧୁମଧାମ୍‌ରେ ପାଳିତ ହୋଇଆସୁଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଚଳିତ ମାସ ୨ ତାରିଖ ଦିନ ଗଜାନନଙ୍କର ଜନ୍ମଉତ୍ସବ ପାଳନ କରାଯାଇଥିଲା। ପ୍ରତିବର୍ଷ ଏଠାରେ କିଛି ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ପ୍ରବେଶ ଦ୍ୱାରଠାରୁ ଆରମ୍ଭ କରି ପୂଜା ମଣ୍ଡପ ଏବଂ ମନୋରଂଜନ ମଂଚ ପର୍ଯ୍ୟନ୍ତ ସାଜସଜ୍ଜା ଅବର୍ଣ୍ଣନୀନୟ ଥିଲା। ଦିଲ୍ଲୀ ଦରବାରରେ ଓଡ଼ିଶା, ସୋଲୋ, ସମ୍ବଲପୁରୀ ନାଚ ପରିବେଷଣ କରାଯାଇଥିଲା। ପରିଶେଷରେ ସଙ୍ଗଠନର କାର୍ଯ୍ୟକର୍ତ୍ତା ବିମଳ ଭଂଜ ଓ ପୁଷ୍ପାଳୀ ସମସ୍ତ ସଦସ୍ୟ ଉପସ୍ଥିତ ଦର୍ଶକବୃନ୍ଦ ଏବଂ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରି ଆନୁଷ୍ଠାନିକ ରୀତିରେ କାର୍ଯ୍ୟକ୍ରମ ପରିସମାପ୍ତି କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକ୍ରମ ଭୂୟାଁ, ଅଜୟ ସାହୁ, ପ୍ରଦ୍ୟୁମ୍ନ ପ୍ରଧାନ, କିଶୋର ରାୟ, ପ୍ରବୀର ମଲ୍ଲ, ରମେଶ ସାହୁ, ରଂଜନ ଧଳ, ସୁନାକର ସାମଲ, ନିରଂଜନ ପରିଡ଼ା, ଜୀବନ ନାୟକ, ଶିଶିର ପ୍ରଧାନ, କିରଣ ଧଳ, ପ୍ରଦୀପ ସ୍ୱାଇଁ ପ୍ରମୁଖ ନିଜର ଭିନ୍ନ ଭିନ୍ନ ଗ୍ରହଣ କରିଥିବା ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇ ଥିବାରୁ ଉକ୍ତ କାର୍ଯ୍ୟକ୍ରମ ସଫଳତାର ରଙ୍ଗ ନେଇପାରିଛି। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ଓ ପ୍ରସାଦ ଆବଣ୍ଟନ କରାଯାଇଥିଲା।

## ଓଡିଶା ରାଜ୍ୟ ସ୍କାଉଟ ସଂଗଠନର ବସନ୍ତ ଦିବସ ପାଳନ




ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଓଡିଶା ରାଜ୍ୟ ସ୍କାଉଟ/ଗାଇଡ୍ ସଂଗଠନ ଆନୁକୂଲ୍ୟରେ ପୂର୍ବ ରାଜ୍ୟ ସଭାପତି ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧଦିବସକୁ ବସନ୍ତ ଦିବସ ରୂପେ ପାଳିତ ହେଉଅଛି। ଚଳିତବର୍ଷ ତା୭।୯।୧୯ରିଖ ତାଙ୍କର ଷୋଡଶ ଶ୍ରାଦ୍ଧବାର୍ଷିକୀ ରାଜ୍ୟ ମୁଖ୍ୟାଳୟର ରଘୁନାଥ ସଦନରେ ଆୟୋଜିତ ହୋଇଥିଲା। ସକାଳୁ ତିଳ ତର୍ପଣ ପରେ ଅପରାହ୍ନ ୨ଟାରେ ଭୁବନେଶ୍ୱର ବିଭିନ୍ନ ଉଚ୍ଚବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ସ୍କାଉଟ ଓ ଗାଇଡ୍ ମୁଖ୍ୟାଳୟରେ ଆୟୋଜିତ ସ୍ମୃତିସଭାରେ ଯୋଗଦାନ କରିଥିଲେ। ୧୫୦ତମ ଗାନ୍ଧି ଜୟନ୍ତୀ ପାଳନ ଅବସରରେ ଦାଣ୍ଡିଯାତ୍ରା ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ସ୍କାଉଟ ଓ ଗାଇଡ୍‌ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ଘଟିକା ସମୟରେ ରାଜ୍ୟ ସଭାପତି ଶ୍ରୀ ବିଷ୍ଣୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଜଟଣୀର ମାନ୍ୟବର ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥିରୂପେ ଯୋଗଦେଇ ସ୍ୱର୍ଗତଃ ବିଶ୍ୱାଳଙ୍କର ସ୍ମୃତିଚାରଣ ପୂର୍ବକ ସ୍କାଉଟ ଓ ଗାଇଡ୍ କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତ ଅବଦାନର ବ୍ୟାଖ୍ୟା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ଶ୍ରୀ ରାମମୂର୍ତ୍ତି ଦୋରା, ରାଜ୍ୟ ସ୍କାଉଟ କମିଶନର ଶ୍ରୀ ଧୃବଚରଣ ପରିଡା ଏବଂ ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ଦାସ ତାଙ୍କ ଅଭିଭାଷଣ ମାଧ୍ୟମରେ ସ୍ୱର୍ଗତଃ ବିଶ୍ୱାଳଙ୍କ ସ୍କାଉଟ ଗାଇଡ୍ ପ୍ରତି ଅବଦାନ ସହିତ ମନ୍ତ୍ରୀ ଭାବେ ତାଙ୍କର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମର ଅବତାରଣା କରିଥିଲେ। ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍କାଉଟ ଗାଇଡ୍ କ୍ଷେତ୍ରରେ ଉତ୍ସର୍ଗୀକୃତ କାର୍ଯ୍ୟ ସମ୍ପାଦନ କରିଥିବା ୪ ଜଣ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟଅତିଥି ଶ୍ରୀ ରାଉତରାୟ ବାଳଚର ବନ୍ଧୁ ସମ୍ମାନ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲାସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ୨୯ଜଣ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କୁ ସଭାପତି ଶ୍ରୀ ଦାସ ବସନ୍ତ ବିଶ୍ୱାଳ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ସ୍କାଉଟ ଗାଇଡ୍‌ମାନଙ୍କୁ ସଭାପତି ଶ୍ରୀ ଦାସଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗିତାରେ ରାଜ୍ୟ ଗାଇଡ୍ କମିଶନର ଶ୍ରୀମତୀ ଅନାମିକା ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଶରତ କୁମାର ପାଇକରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କାଉଟ କମିଶନର ଶ୍ରୀ ଧୃବଚରଣ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋ ସହର

## ବିଡି ଶ୍ରମିକମାନଙ୍କର ଦାବି ପୂରଣ ନହେଲେ ରାସ୍ତାକୁ ଓହ୍ଲାଇବେ : ସଂଘ

ଭଦ୍ରକ, (ପିଏନ)- ସରକାର ସମସ୍ତଙ୍କ ଦାବି ପୁରଣ କରୁଥିବାବେଳେ ବିଡି ଶ୍ରମିକ ମାନଙ୍କ ଦାବିକୁ ନେଇ ଚୁପ୍ ରହୁଥିବା ଘଟଣା ବିଡି ଶ୍ରମିକ ପରିବାର ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଏବେବି ଦୁଃଖ କଷ୍ଟରେ ନିଜର ପରିବାର ଚଳାଉଥିବା ବିଡି ଶ୍ରମିକମାନେ ନିଜର ହକ୍ ପାଇଁ ଲଢେଇ କରୁଥିବା ବେଳେ ସରକାର ସେମାନଙ୍କ ସୁବିଧା ପାଇଁ ଯଥାଶିଘ୍ର ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ଭାରତ ସରକାରଙ୍କ ବାସଗୃହ ଯୋଜନା ମାଧ୍ୟମରେ ମିଳୁଥିବା ଅନୁଦାନ ଠିକ୍ ସେ ଭଦ୍ରକରେ ଥିବା ଶ୍ରମିକ ମାନଙ୍କୁ ମିଳି ପାରୁନାହିଁ। ସରକାରଙ୍କ ଯୋଜନା ମାଧ୍ୟମରେ(୧ଲକ୍ଷ ୫୦ ହଜାର ଟଙ୍କା ) ତିନିଟି କିସ୍ତିରେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୧୮ମାସ ଭିତରେ ମିଳିବା କଥା କିନ୍ତୁ ଏବେ ୨୮ମାସ ବିତିବାକୁ ଯାଉଛି ସେମାନଙ୍କ ଖାତାକୁ ଟଙ୍କା ଆସି ପାରିନଥିବା ଘଟଣାକୁ ନେଇ ବିଡି ଶ୍ରମିକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସେମାନେ ଧାର କରଜ କରି ଘର ତିଆରି କରି କଷ୍ଟରେ ରହୁଥିବାବେଳେ ସେମାନଙ୍କ ଟଙ୍କାକୁ ହଡପ କରୁଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି ପରେ ଘଟଣାର ତଦନ୍ତ ସରିବାର ୨ବର୍ଷ ବିତିଯାଇଥିବା ବେଳେ ଏଯାବତ କୌଣସି ସହାୟତା ଖଟିଖିଆ ବିଡି ଶ୍ରମିକଙ୍କୁ ମିଳିପାରି ନାହିଁ। ଏହି ଘଟଣାକୁ ନେଇ ଭୁବନେଶ୍ୱରରେ ଥିବା ଡବ୍ଲ୍ୟୁ,ସି.ସି ଅଫିସକୁ ଯାଇ ଏକ ପ୍ରତିନିଧି ଦଳ ଚଳିତ ମାସ ୪ ତାରିଖରେ ଭେଟ କରିବା ସହିତ ଦାବିପତ୍ର ଦେଇ ଆସିଥିଲେ। କିନ୍ତୁ ସେଠାରେ କୋଣସି ସନ୍ତୋଷଜନକ ଉତର ନପାଇ ଫେରି ଆସିଥିବା ବିଡି ଶ୍ରମିକମାନେ ରାଜ୍ୟ ବିଡି ସଂଗଠନ ସହିତ ମିଳିତ ଭାବରେ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି। ସଂଗଠନର ସଂପାଦକ ସେଖ ନସିମ, କଲିମୁଦ୍ଦିନ ଖାଁ, ଅବଦୁଲ ହାଫିଜ୍ ପ୍ରମୁଖ କର୍ମକତାମାନେ ଜିଲ୍ଲାପଳଙ୍କ ଦୃଷ୍ଟି ଆକର୍ଷଣ କରିବେ ଏବଂ ସମସ୍ୟା ସମାଧାନ ନହେଲେ ସପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

## ପାଣିକୋଇଲି ପୁଲିସର ସଡକ ସୁରକ୍ଷା ସଚେତନତା

କୋରେଇ, (ପିଏନ୍)- ପାଣିକୋଇଲି ଥାନା ପକ୍ଷରୁ ସଡକ ସୁରକ୍ଷା ସଚେତନତା ବାର୍ତା ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ଏକ ଶୋଭାଯାତ୍ରା ପାଣିକୋଇଲି ମା ତାରିଣୀ ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ଥାନାରେ ପହଂଚିଥିଲା। ପାଣିକୋଇଲି ପୁଲିସ, ଆମ ପୁଲିସ ସମିତି, ବରିଷ୍ଠ ନାଗରିକ ମଂଚ, ଆମେ ବିପଦର ସାଥି, ମା ତାରିଣୀ ଟ୍ୟାକ୍ସି ଓ ପିକଅପ ଆସୁସିଏସନ ଓ ବିଦ୍ୟା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଡିଗ୍ରୀ କଲେଜର ଛାତ୍ର/ଛାତ୍ରୀ ମାନେ ସାମିଲ ହୋଇଥିଲେ। ମଦପିଇ ଗାଡି ନଚଳାଇବା, ବିନା ହେଲମେଂଟରେ ବାଇକ ନଚଳାଇବା, ଗାଡି ଚଳାଇବା ବେଳେ ସିଟ ବେଲ୍ଟ ବାନ୍ଧିବା, ବାଇକରେ ଦୁଇ ଜଣରୁ ଅଧିକ ନନେବା, ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ଆଦି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ । ଏହି ସଚେତନାତ କାର୍ଯ୍ୟକ୍ରମ ବେଶ ପ୍ରଭାବ ପକାଇଥିଲା । ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ଏସଆଇ କୈଳାସ ଚନ୍ଦ୍ର ଭୋଇ, ପୁଷ୍ପଲତା ବେହେରା, ଏଏସଆଇ ସଂଜୟ କୁମାର ଦାଶ, ହାବିଲଦାର ବିଜୟ ଦାସ, ସୁଶାନ୍ତ ଦାଶ, ନିର୍ମଳ ସାହୁ, ଅଂଜୁଲତା ସାହୁ, ଓଏପିଏଫଙ୍କ ସମେତ ସମସ୍ତ କର୍ମଚାରୀ, ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟଙ୍କ ସମେତେ ସମସ୍ତ ସଦସ୍ୟ, ଆମେ ବିପଦର ସାଥି ସଭାପତି ଅଶୋକ କୁମାର ବେହେରାଙ୍କ ସମେତ ସମସ୍ତ ସାଥି, ଆମ ପୁଲିସ ସଦସ୍ୟ ସୁବାସ ଧଳ, ତାରିଣୀ ପଟ୍ଟନାୟକ, ପ୍ରଫୁଲ୍ଲ ଦାସ, ଦୋଳଗୋବିନ୍ଦ ଦେଓ୍ଠ, ଅଦିତ୍ୟ ପ୍ରଶାଦ ଦାଶ, ସମାଜସେବୀ ସୂର୍ଯ୍ୟମଣୀ ପଣ୍ଡା, ବିଦ୍ୟା ଗ୍ରୁପ ଅପ ଇନଷ୍ଟିଚ୍ୟୁସନର ପ୍ରାର୍ଥ ସାରଥି ଜେନା ଓ ଛାତ୍ର/ଛାତ୍ରୀ, ଗୋକୁଳାନନ୍ଦ ସାହୁ, ସଂଜୟ କୁମାର ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ମାୟାଧର ସାହୁଙ୍କ ସମେତ ଶତାଧିକ ଯୁବ ଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପୁଣି ଦୁର୍ଦ୍ଦଶାରେ ଜଳ ବନ୍ଦୀ ଅଂଚଳ, ଧୋଇଗଲା ସେତୁର ଉଭୟ ପାର୍ଶ୍ୱ

ଜୟପାଟଣା, (ପିଏନ)- ଇନ୍ଦ୍ରାବତୀ ଜଳ ବନ୍ଦୀ ଅଂଚଳର ସଂଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ସାମାନ୍ୟ ତତ୍ପରତା ଦେଖାଇ ଆସୁଥିବାବେଳେ ଏବେ ତେନ୍ତୁଳି ପଦରକୁ ସଂଯୋଗ କରୁଥିବା ସନ ନାଲା ଉପରେ ନିର୍ମିତ ହୋଇଥିବା ସେତୁର ଦୁଇପଟର ସୁରକ୍ଷା କାନ୍ଥ ସହିତ ବନ୍ୟା ପାଣିରେ ଧୋଇହୋଇ ଯାଇଥିବା ଦେଖିବାକୁ ମିଳିଛି।

ସୂଚନାରୁ ପ୍ରକାଶ ଯେ ତଳନାଗି ପଂଚାୟତର ବିଭାଜନ ହେବାପରେ ଜଳବନ୍ଦୀ ଅଂଚଳର ପୋଡ଼ାପଦର ଠାରେ ନୂତନ ପଂଚାୟତ ପ୍ରତିଷ୍ଠା ହେଲା। ଏହି ପଂଚାୟତର ସମସ୍ତ ଅଂଚଳ ପାଇଁ ଜଳଭଣ୍ଡାର ବାଧକ ସାଜିଥିବାବେଳେ କେ. ଚେପଟା ଘାଟ ଠାରୁ ତେନ୍ତୁଳିପଦର ମଧ୍ୟରେ କାଶିପୁର ଅଂଚଳରୁ ବୋହି ଆସିଥିବା ସାନ ନାଲା ଉପରେ ଏକ ସେତୁ ନିର୍ମାଣ କରାଯାଇ ଥିଲା। ଫଳରେ ଲୋକେ କୋଡ଼ିକୋଡ଼ା ଚେପଟା ଘାଟ, ତେନ୍ତୁଳିପଦର, ଭିତରଡ଼ଙ୍ଗା ଦେଇ ପୋଡ଼ାପଦର ପର୍ଯ୍ୟନ୍ତ ପାହାଡ଼ିଆ ରାସ୍ତାରେ ଯାତାୟତ କରିପାରୁଥିଲେ। ଗତ ବନ୍ୟାରେ ସେତୁର ଉଭୟ ପଟ ଅପ୍ରୋଚ୍ ବ୍ୟବସ୍ଥା ଧୋଇହେବା ସହିତ ରାସ୍ତାକୁ ମଧ୍ୟ ଧୋଇ ନେଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟସେବା, ଯୋଗାଣ ବ୍ୟବସ୍ଥା, ଶିକ୍ଷା, ଯୋଗାଯୋଗ ବ୍ୟବସ୍ଥାକୁ ନେଇ ସବୁବେଳେ ଆଲୋଚନା ପରିଧି ମଧ୍ୟରେ ରହି ଆସୁଥିବା ଜଳବନ୍ଦୀ ଅଂଚଳ ପ୍ରଶାସନ ଦୃଷ୍ଟିରୁ ବର୍ଜିତ କ୍ଷେତ୍ର ହୋଇଥିଲେ ମଧ୍ୟ ଏହି ଅଂଚଳର ଜଳବନ୍ଦୀ ମଣିଷମାନଙ୍କ ପାଇଁ ସାମାନ୍ୟତମ ବିକାଶଧାରା ମଧ୍ୟ ସାଧାରଣ ଜୀବନ ଯାତ୍ରାକୁ ପ୍ରଭାବିତ କରିଥାଏ। ଗତ ୨୦୦୭ ମସିହାରେ ଭୟାବହ ଡ଼ାଇରିଆ ଜନିତ ମୃତ୍ୟୁର ତାଣ୍ଡବ ଚାଲିଥିବାବେଳେ ତତ୍କାଳୀନ କଳାହାଣ୍ଡି ଜିଲ୍ଲାପାଳ ପ୍ରମୋଦ ପଟ୍ଟନାୟକ ତେନ୍ତୁଳିପଦର ଅଂଚଳ ଗସ୍ତ ସମୟରେ ଲୋକେ ଏହି ସାନ ନାଲା ଉପରେ ସେତୁ ନିର୍ମାଣ ପାଇଁ ଦାବି ରଖିଥିଲେ। କାଳକ୍ରମେ ତାହା ମଞ୍ଜୁର ହୋଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨ କୋଟି ଟଙ୍କା ମଞ୍ଜୁର କରାଯାଇ ଆଇ.ଟି.ଡ଼ି.ଏ. ଦ୍ୱାରା ସାନ ନାଲା ଉପରେ ବ୍ରିଜ ନିର୍ମାଣ କରାଗଲା। ଗତ ବନ୍ୟାରେ ସେତୁର ଉଭୟ ପାର୍ଶ୍ୱ କ୍ଷତିଗ୍ରସ୍ତ ହେବା ଫଳରେ ଲୋକେ ସ୍ଥଳଭାଗରେ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ କରିଦେଇ ପୁଣିଥରେ କାଠ ଡ଼ଙ୍ଗାର ଆଶ୍ରୟ ନେଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀଙ୍କୁ ପଚାରିବାରୁ ଏପ୍ରୋଚ ପୂର୍ଣ୍ଣାଙ୍ଗ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ନାଲକୋ ଓ ଚାର୍ମର ମିଳିତ ଆନୁକୁଲ୍ୟରେ ଅଲିଅଳି ଝିଅ କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)- ଖଜୁରୀପଡା ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ଛାତ୍ରୀନିବାସ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚାର୍ମ ପକ୍ଷରୁ ନାଲକୋର ଅଲିଅଳି ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପଂଚାୟତ ସମିତି ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାରତି ମଲିକ, ଜିଲ୍ଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା, ସମିତିସଭ୍ୟା ଗୀତାଂଜଳୀ ସାହୁ, ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ କୃପାସିନ୍ଧୁ ସାହୁ, ବିଇଓ ରଂଜନ କୁମାର କହଁର, ଏବିଇଓ ଜ୍ୟୋସ୍ନାରାଣୀ ମଲିକ, ପ୍ରଧାନ ଶିକ୍ଷକ ପ୍ରଭାସ ମିଶ୍ର, ଅଲେଖ କୁମାର ଦାସ, ରଜତ କୁମାର ପାଢୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଅଲିଅଳି ଝିଅ କାର୍ଯ୍ୟକ୍ରମରେ ମୋଟ ୩୫୦ ଜଣ ଛାତ୍ରୀଙ୍କୁ କିଟ୍ ବଂଟନ କରିଥିଲେ।

## ‘ପନିପରିବା ରପ୍ତାନୀରେ ସୁଦୃଢ଼ ହେଲେ ଓଡ଼ିଶା ସ୍ୱାବଲମ୍ବୀ ହେବ’



କରଂଜିଆ(ପିଏନ)- କୃଷି - ଏକ ବ୍ୟବସାୟ ନୁହେଁ ବରଂ କୃଷକର କର୍ମସିକ୍ତ ଏକ ଆବେଗପୂର୍ଣ୍ଣ ଉଚ୍ଚାରଣ। କୃଷି ଓ କୃଷକର ବିକାଶ ଦିଗରେ ଏବେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ଏହା ଦେଖିବାର ସମୟ ଏସବୁର ବାସ୍ତବ ଚିତ୍ର ଆଜି କେତେଦୂର ଗାଁ ମାନଙ୍କରେ ପହଁଚିପାରୁଛି। କୃଷି ଓ କୃଷକର ଉଦ୍ୟୋଗୀକରଣ ଦିଗରେ କେନ୍ଦ୍ରସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥବା ଅଟଳ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଏକ ଲକ୍ଷ ଚାଷୀଙ୍କର ପୁର୍ବ କୌଶଳ ଓ ଅନୁଭବକୁ ମାନ୍ୟତା ଦେବା ଦିଗରେ କାର୍ଯ୍ୟ କରିବ। ଏହି ପରିପ୍ରେକ୍ଷୀରେ କରଂଜିଆର ରରୁଆଁ ଠାରେ ଚାଷୀମାନଙ୍କୁ ପନିପରିବା ଫସଲ ଉପରେ ପ୍ରଶିକ୍ଷଣ ଦେବା ସହ ସହ ମୌଖିକ ଭାବେ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର ଡ଼ି ଶୁଭମ୍ ଓ ଜଗଦାନନ୍ଦ ପ୍ରଧାନ ମୟୂରଭଂଜ ଜିଲ୍ଲାର କରଂଜିଆ ନିକଟସ୍ଥ ରରୁଆଁ ଗ୍ରାମରେ କୃଷକ ମାନଙ୍କୁ ତାଲିମ ଦେଇଥିଲେ। ସନ୍ତୋଷୀ ଫାଉଣ୍ଡେସନ ଟ୍ରଷ୍ଟର ଆନୁକୂଲ୍ୟରେ ଆୟୋଜିତ ଏହି କୃଷକ ପ୍ରଶିକ୍ଷଣ କର୍ମଶାଳାରେ ଆଖପାଖ ଗ୍ରାମର ପ୍ରାୟ ୧୦୦ଜଣ ଚାଷୀ ଉପସ୍ଥିତ ରହି ତାଲିମ ନେଇଥିଲେ। ଏହି ଶିବିରରେ ପ୍ରଶିକ୍ଷକ ମାନେ ପାରମ୍ପରିକ କୃଷି ଅପେକ୍ଷା ଜୈବିକ କୃଷିର ମହତ୍ତ୍ୱକୁ ପ୍ରତିପାଦିତ କରିଥିଲେ। ଜୈବିକ କୃଷିର ବହୁଳ ବ୍ୟବହାର କଲେ ଅମଳ କିପରି ଦୁଇଗୁଣ ହେବ , ଏହା ସହ ପଂଚଗବ୍ୟ,ଦଶଗବ୍ୟ,ନୀମାସ୍ତ୍ର ପ୍ରଭୃତିର ପ୍ରସ୍ତୁତି ବିଷୟରେ ଚାଷୀମାନଙ୍କୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହା ପରେ କୃଷି ପ୍ରଶିକ୍ଷକ ମାନେ ପନିପରିବା ଜାତୀୟ ଫସଲ ଉପରେ ତାଲିମ ଦେବା ସହ ବାଇଗଣ ଫସଲ ନିମନ୍ତେ ଉପଯୁକ୍ତ ଜଳବାୟୁ , ମୃର୍ତ୍ତିକା ଓ ତଳି ପ୍ରସ୍ତୁତି ଓ ବାଇଗଣର ସମନ୍ୱିତ ରୋଗକୀଟ ପରିଚାଳନା ବିଷୟରେ ଚାଷୀ ମାନଙ୍କୁ ବୁଝାଇଥିଲେ। ସନ୍ତୋଷୀ ଟ୍ରଷ୍ଟର ମୁଖ୍ୟ ପ୍ରାନ୍ତ ପ୍ରଗତି ମହାନ୍ତି ଚାଷୀମାନଙ୍କ ସହ ଏହି ଯୋଜନା ବିଷୟରେ ଆଲୋଚନା କରିବା ସହ ତାଲିମ ଶେଷରେ ସେମାନଙ୍କୁ ଦକ୍ଷତା ବିକାଶର ପ୍ରମାଣପତ୍ର ମିଳିବ ବୋଲି ଉପସ୍ଥାପନ କରିଥିଲେ। ଏହା ସହ ଏହି ପ୍ରମାଣପତ୍ର ଭବିଷ୍ୟତରେ ସେମାନଙ୍କୁ ଉଦ୍ୟୋଗୀ କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଏହି କର୍ମଶାଳା ଆହୁରି ୭ଦିନ ଚାଲିବ ବୋଲି ଶ୍ରୀ ମହାନ୍ତି କହିଥିଲେ। ଏହି କର୍ମଶାଳାରେ ଟ୍ରଷ୍ଟର ପ୍ରଶିକ୍ଷକା ସୁଶ୍ରୀ ମାଧୁରୀ ଦେବୀ ଚାଷୀ ମାନଙ୍କୁ ଏହାର ପ୍ରକୃତ ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ ଭବିଷ୍ୟତରେ ଏହା ଦ୍ୱାରା ସେମାନେ କେତେଦୂର ଉପକୃତ ହୋଇପାରିବେ , ସେ ବିଷୟରେ ବୁଝାଇଥିଲେ।

### ଭୋଟିଂ ପାଇଁ ଅନୁରୋଧ

## କନ୍ଧମାଳର ମିଶନ-୧୭୧ ସ୍କଚ୍ ଆୱାର୍ଡ ତାଲିକାଭୁକ୍ତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ୧୭୧ ପଂଚାୟତରେ କାର୍ଯ୍ୟକାରୀ ହେଉଥିବା ମିଶନ-୧୭୧ କାର୍ଯ୍ୟକ୍ରମ ଦେଶର ପ୍ରମୁଖ ସ୍କଚ୍ ଗ୍ରୁପ ଦ୍ୱାରା ପ୍ରଦାନ କରାଯାଉଥିବା ସମ୍ମାନଜନକ ସ୍କଚ୍ ଆୱାର୍ଡ ଦୌଡ ତାଲିକାରେ ସାମିଲ ହୋଇଛି। ମିଶନ ୧୭୧ର ସଂଯୋଜକ ତଥା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ମନୋଜ କୁମାର ଦାସ ଦିଲ୍ଲୀ ଯାଇ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏହା ବିଚାରକ ମଣ୍ଡଳୀକୁ ପ୍ରଭାବିତ କରିବାସହ ଏହାକୁ ସମ୍ମାନ ପ୍ରଦାନ ଦୌଡରେ ତାଲିକାଭୁକ୍ତ କରାଯାଇଛି। ଦେଶର ବିଭିନ୍ନ ଅଂଚଳର ସର୍ବାଧିକ ଆଦୃତ ସରକାରୀ କାର୍ଯ୍ୟକ୍ରମ, ପ୍ରକଳ୍ପ ଏହି ଦୌଡରେ ସାମିଲ ହୋଇଥିବା ବେଳେ ଟ୍ୱିଟର ମାଧ୍ୟମରେ ଏହାର ଫାଇନାଲ ଭୋଟ ଆହ୍ୱାନ କରାଯାଇଛି। ୧୬ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏଥିପାଇଁ ଭୋଟ ଗ୍ରହଣ ହେବ। ୧୪ ତାରିଖ ରାତି ୯ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିବା ସ୍କଚର ମୁଖ୍ୟ ପରିଚାଳକ ଅଧିକାରୀ ଦୀପକ ଦଲାଲ ସୂଚନା ଦେଇଛନ୍ତି।

କନ୍ଧମାଳରେ କାର୍ଯ୍ୟକାରୀ ହେଉଥିବା ମିଶନ-୧୭୧ ପ୍ରକଳ୍ପ ସାମିଲ୍ ହେବା ସହିତ ଅନ୍ୟଏକ ମାଣ୍ଡିଆ ଯୋଜନା ଉପରେ ଏକ ପ୍ରକଳ୍ପ ମଧ୍ୟ ସାମିଲ୍ ହୋଇଛି। ତେବେ, ଗତବର୍ଷ ଠିକ୍ ଏହି ମାସରେ କନ୍ଧମାଳ ଜିଲ୍ଲା ସର୍ବଭାରତୀୟ ସ୍ତରରେ ମନରେଗା ଯୋଜନା ପାଇଁ ପୁରସ୍କୃତ ହୋଇଥିବା ବେଳେ ଚଳିତବର୍ଷ କନ୍ଧମାଳ ଜିଲ୍ଲା ପାଇଁ ପୁଣି ଏକ ସୁଯୋଗ ଆସିଛି। ସମୟସୀମା ମଧ୍ୟରେ ଯେଉଁ ପ୍ରକଳ୍ପ ଅଧିକ ଭୋଟ୍ ପାଇବ ତାହାକୁ ମର୍ଯ୍ୟାଦାଜନକ ସ୍କଚ୍ ଆୱାର୍ଡ ପ୍ରଦାନ କରାଯିବ। ତେଣୁ, ଏହି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ସଂଖ୍ୟାରେ କନ୍ଧମାଳବାସୀ ତଥା ଓଡିଶାବାସୀ ଟ୍ୱିଟର ମାଧ୍ୟମରେ ଭୋଟ୍ ଦେବାକୁ ମିଶନ-୧୭୧ ପକ୍ଷରୁ ଆହ୍ୱାନ କରାଯାଇଛି।

ସୂଚନା ଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲାରେ କୃଷି ଓ କୃଷକ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାପାଳ ଡା.ବୃନ୍ଦା ଡି. ଗତ ୨୦୧୮ ଅକ୍ଷୟ ତୃତୀୟା ଦିନ ଏହି ମିଶନ ୧୭୧ ପରିକଳ୍ପନା ଆରମ୍ଭ କରିଥିଲେ। ଏହା କୌଣସି ନୂତନ ଯୋଜନା ନୁହେଁ, କେବଳ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଚାଲିଥିବା ଯୋଜନା ସବୁକୁ ଏକତ୍ର କରି ଚାଷୀଙ୍କ ପାଖରେ ପଂହଚାଇବା ଏହାର ଉଦ୍ଦେଶ୍ୟ। ଗୋଟିଏ ଗ୍ରାମର ଏକ ବା ଏକାଧିକ ଚାଷୀଙ୍କର ଗୋଟିଏ ସ୍ଥାନରେ ଥିବା ୫ରୁ ୧୦ ଏକର ଜମିରେ ଫଳ ବଗିଚା ସୃଷ୍ଟି କରିବା ସହ ବଗିଚା ମଧ୍ୟରେ ଅନ୍ତଃଚାଷ ଭାବେ ପନିପରିବା, କୁକୁଡ଼ା ପାଳନ, ଛେଳି ପାଳନ, ଛତୁ ଚାଷ, ମାଛ ଚାଷ ଆଦି କରିବାକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଏଥିପାଇଁ ପ୍ରଥମ ଦଫାରେ ଜିଲ୍ଲାର ୧୭୧ଟି ପଂଚାୟତର ଗୋଟିଏ ଗୋଟିଏ ଗ୍ରାମକୁ ବଛାଯାଇ କାର୍ଯ୍ୟକାରୀ କରାଯାଇଥିବା ବେଳେ ଏହା ସଫଳ ହେଉଥିବା ଦେଖିବାକୁ ମିଳିଛି। ଏହା ଏକ ଅଭିନବ ଯୋଜନା ଥିବାବେଳେ ରାଜ୍ୟ ସରକାର ମଧ୍ୟ ଏହାର ପ୍ରଶଂସା କରିବାସହ ଏହି ଯୋଜନା ଆଧାରରେ ଏପିସିଟିଆର ଆରମ୍ଭ କରିଛନ୍ତି ଯାହାକି ରାଜ୍ୟର ୧୨ଟି ଜିଲ୍ଲାରେ କାର୍ଯ୍ୟ ଆରମ୍ଭ ହୋଇଛି।

## ରସୁଲପୁର ବ୍ଲକରେ ବିଜେଡ଼ିର ନୂତନ ସଭ୍ୟ ସଂଗ୍ରହ ଅଭିଯାନ

ଧର୍ମଶାଳା,(ପିଏନ)- ଯାଜପୁର ଜିଲାରେ ବରୀ ଏକ ଅଗ୍ରଣୀ ନିର୍ବାଚନ ମଣ୍ଡଳିଭାବେ ପରିଗଣତି ହେବ । ବିକାଶ ଦ୍ୱିଗୁଣିତ ହେବ । ସାଧାରଣ ଲୋକଙ୍କ ନିକଟତର ହେବାକୁ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କ ସମସ୍ୟାକୁ ତୁରନ୍ତ ସମାଧାନ ବିଜେଡିର ମୂଳ ଲକ୍ଷ୍ୟ ଏବଂ ଗତ ନିର୍ବାଚନରେ ବରୀ ନିର୍ବାଚନ ମଣ୍ଡଳୀ ଯେପରିଭାବେ ବିଜେଡିକୁ ଯେଉଁ ହାରରେ ବିଜୟୀ କରାଇଥିଲେ ତାହାଠାରୁ ଅଧିକ ସଭ୍ୟ ସଂଗ୍ରହ କରିବ ବୋଲି ବୋଲି ବରୀ ବିଧାୟିକା ସୁନନ୍ଦା ଦାସ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଆଜି ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ଗୋଟି ପଂଚାୟତରେ ବିଜେଡି ପକ୍ଷରୁ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ବରୀ ନିର୍ବାଚନ ମଣ୍ଡଳୀ ସଦସ୍ୟତା ଅଭିଯାନର ସଂଯୋଜକ ଦେବେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଗୋପାଳପୁର ଡାକବଙ୍ଗଳାଠାରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ବିଧାୟିକା ସୁନନ୍ଦା ଦାସ ଯୋଗ ଦେବାପରେ ଏହି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଥମାଖଣ୍ଡ ପଂଚାୟତ ୮ ନଂ ୱାର୍ଡର ଘରଘର ବୁଲି ଏହି ସଭ୍ୟ ସଂଗ୍ରହ କରିବା ସହିତ ଏହି ସଭ୍ୟ ସଂଗ୍ରହ ସମ୍ପର୍କରେ ସଚେତନତା କରାଯାଇଥିଲା । ଏହି ସଭ୍ୟ ସଂଗ୍ରହ ଅଭିଯାନରେ ବରୀ ବ୍ଲକ ସଂଯୋଜକ ନୀଳମଣୀ ସାମଲ, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ରସୁଲପୁର ବ୍ଲକ ସଂଯୋଜକ ତଥା ଅତଲାପୁର ସରପଂଚ ପ୍ରଫୁଲ୍ଲ ସାହୁ, ୮ନଂ ଜୋନ୍ ସଂଯୋଜକ ତଥା ବ୍ରହ୍ମବରଦା ସରପଂଚ ବିଜୟ ଦାସ, ୯ନଂ ଜୋନ୍ ସଂଯୋଜକ ତଥା ସାମନ୍ତରାପୁର ସରପଂଚ ଅଭିମନ୍ୟୁ ମହାଳିକ, ୧୦ ନଂ ଜୋନର ସଂଯୋଜକ ତଥା ଜିଲା ଉପ-ସଭାପତି ବେଣୁଧର ଦାସ ଏବଂ ୧୦ ଗୋଟି ପଂଚାୟତର ପର୍ଯ୍ୟବେକ୍ଷକ ଭାବେ ପ୍ରଥମାଖଣ୍ଡର ବିକ୍ରମ ନାୟକ, ରଜେନ୍ଦ୍ରପୁରର ସୂର୍ଯ୍ୟମଣୀ ବେହେରା, ଅତଲାପୁରର ସନାତନ ବାରିକ, ରାଉତରାପୁରର ଅର୍ଜ୍ଜୁନ ନାୟକ, ବ୍ରହ୍ମବରଦାର ମହେଶ୍ୱତା ନାୟକ, ବନ୍ଧଡିହର ରାକେଶ ଦେଓ, ମହେଶ୍ୱରପୁରର ସୁଶାନ୍ତ ବେହେରା, ମଙ୍ଗରାଜପୁରର ଛବିଳ ଜେନା, ଅର୍ଥଙ୍ଗାର ସେକ୍ ଅକ୍ତର ଅଲ୍ଲୀ, ସାମନ୍ତରାପୁରର ଲକ୍ଷ୍ମୀଧର ମହାନ୍ତ, ବରୀ ନିର୍ବାଚନ ମଣ୍ଡଳିର ଯୁବନେତା ଅଶୋକ ସାମଲ, କେଦାର ସାମଲ, ପ୍ରମୋଦ ସାମଲ, ଆର୍ତ୍ତବନ୍ଧୁ ସାମଲ, ଅରବିନ୍ଦ ମହାନ୍ତି, ବିଭୂତି ସାହୁଙ୍କ ସମେତ ପଂଚାୟତର ସରପଂଚ, ସମିତିସଭ୍ୟ ସଭ୍ୟା ଓ ବିଜେଡିର ଆଗଧାଡ଼ିର କାର୍ଯ୍ୟକର୍ତା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟରେ ବିଧାୟିକା ଅତଲାପୁର ପଂଚାୟତରେ ପଂହଚି ଗାଁ ଗାଁ ବୁଲି ସଭ୍ୟ ସଂଗ୍ରହ କରିଥିଲେ । ଗ୍ରାମରେ ମହିଳାମାନେ ବିଧାୟିକାଙ୍କ ନିକଟରେ ସେମାନଙ୍କର ସୁଖଦୁଃଖ ବଖାଣିଥିଲେ । ଶେଷରେ ଅଲେଖ ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆପଡ଼ା ଜିଲ୍ଲାରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗୀତା

ନୂଆପଡ଼ା, (ପିଏନ)- ଦୈନିକ ସମାଜର ୧୦୦ ବର୍ଷ ପୂର୍ତୀ ଅବସରରେ ରାଜ୍ୟର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ନିମନ୍ତେ ‘ସମାଜ’ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗୀତା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗୀତା ଖଡିଆଳ ସ୍ଥିତ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସର୍ବମୋଟ ୧୬୮ ଜଣ ପ୍ରତିଯୋଗୀ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ । ଚିତ୍ରାଙ୍କନ କନିଷ୍ଠ ବିଭାଗରେ ୮୨ ଜଣ, ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ମୋଟ ୫୬ ଜଣ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗୀତାରେ ୩୦ ଜଣ ପ୍ରତିଯୋଗୀ ଖଡିଆଳ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ସାମିଲ ଥିଲେ। ଚିତ୍ରାଙ୍କନ କନିଷ୍ଠ ବିଭାଗରେ ଖଡିଆଳ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ସ୍ମରଣ ଯୋଷୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଇମ୍ପେରୀୟାଲ ପ୍ରେସିଡେନ୍ସି ପବ୍ଲିକ ସ୍କୁଲର ୨ ଜଣ ଛାତ୍ର ପ୍ରତିକ କୁମାର ସାହୁ ଦ୍ୱିତୀୟ ଏବଂ ଆଶମାନ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ୭ ଜଣ ଛାତ୍ରଛାତ୍ରୀ ଦାରୁବ୍ରହ୍ମ ବାରିକ, ଉପାସନା ପଟେଲ, ଗୁରବାନୀ କୌର, ଶୁଭସ୍ମିତା ବାରିକ, ପ୍ରଜ୍ଞାନ ସୁନା, ଦୁହିତା ଜୁଆଡ ଏବଂ ରୀତିକା ମୁନାଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଚିତ୍ରାଙ୍କନ ବରିଷ୍ଠ ବିଭାଗ ପ୍ରତିଯୋଗିତାରେ ଖଡିଆଳ ପବ୍ଲିକ ସ୍କୁଲର ଛାତ୍ରୀ ଜଶସ୍ୱୀ ପ୍ରିୟଦର୍ଶନୀ ବାରିକ ପ୍ରଥମ, ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟର ୨ ଜଣ ଛାତ୍ରଛାତ୍ରୀ ସବ୍ୟସାଚୀ ନାୟକ ଏବଂ ସିଦ୍ଧି ସମୃଦ୍ଧି ଠାକୁର ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହା ସହ ୭ ଜଣ ଛାତ୍ରଛାତ୍ରୀ ନିରୁପମା ମେହେର, ସୌମିକ ପାଢୀ, ମହରୁନ ଖାନ, ଆଦ୍ୟାଶା ଦାଶ, ହର୍ସିତ କୁମାର ବୈଠାରୁ, ସଗୁନ ଅଗ୍ରୱାଲ, ମନିଷ ଜଗତଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଠିକ ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରବନ୍ଧ ପ୍ରତିଯୋଗିତାରେ ମୋଟ ୩୦ ଜଣ ପ୍ରତିଯୋଗୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଖଡିଆଳ ରାଜା ଆର୍ତତ୍ରାଣ ହାଇସକୁଲର ଛାତ୍ର ପ୍ରଶାନ୍ତ କୁମାର ମେହେର ପ୍ରଥମ, ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟର ସାଇଶୃତି ଯୋଷୀ ଦ୍ୱିତୀୟ ଏବଂ ଖଡିଆଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅର୍ପିତ କୁମାର କୁମାର ଖମାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହା ସହ ୭ ଜଣ ଛାତ୍ରଛାତ୍ରୀ ଅଲକା ନନ୍ଦ, ନିସ୍କୃତି ଏନ ମିଶ୍ର, ଅବନ୍ତିକା ପ୍ରଧାନ, ସୁଚିସ୍ମିତା ହୋତା, ପ୍ରିତିରଞ୍ଜନ ମେହେର, ଅମିଷା ବେହେରା, ଚନ୍ଦ୍ରଚୁଡ ସିକ୍କାଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅତିଥି ଭାବରେ ଖଡିଆଳ ସ୍ୱୟଂଶାସିତ କଲେଜର କମ୍ପ୍ୟୁଟର ସାଇନ୍ସ ବିଭାଗର ବିଭାଗୀୟ ମୁଖ୍ୟ ଡଃ ପ୍ରଣତୀ କୁମାରୀ ପଣ୍ଡା, ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲର ସହକାରୀ ଶିକ୍ଷକ ଅଶୋକ କୁମାର ବେହେରା, ଖଡିଆଳ ସ୍ଥିତ ଇଟିଏଣ୍ଟି କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ସତିଶ କୁମାର ପଣ୍ଡା, ଶିକ୍ଷକ ଗୌରାଙ୍ଗ କୁମାର ସାହୁ, କଳାକାର ରାଜନାରାୟଣ ସୁନାନୀ, ବରିଷ୍ଠ ସାହିତ୍ୟିକ ତଥା ସାମ୍ବାଦିକ କୁନାଲ ଚରଣ ବେହେରା, ସାମ୍ବାଦିକ ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ବିଜୟୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି କୋମନା ଠାରେ ବ୍ଲକସ୍ତରୀୟ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗୀତା କ୍ରିଷ୍ଣା ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀତାରେ ୧୬୧ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଚିତ୍ରାଙ୍କନ କନିଷ୍ଠରେ ୭୦ ଜଣ, ଚିତ୍ରାଙ୍କନ ବରିଷ୍ଠରେ ୬୮ ଜଣ ଏବଂ ପ୍ରବନ୍ଧ ଲିଖନରେ ୨୩ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନ କନିଷ୍ଠ ବିଭାଗରେ କୋମନା ଅରବିନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ର ଆୟୁଷ କୁମାର ଯୋଷୀ ପ୍ରଥମ, କ୍ରିଷ୍ଣା ପବ୍ଲିକ ସ୍କୁଲର ଛାତ୍ରୀ ନିୟତୀ ପାଣିଗ୍ରାହୀ ଦ୍ୱିତୀୟ ଏବଂ ଅରବିନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ଭାଗ୍ୟଶ୍ରୀ ଆଡବଙ୍ଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବନ୍ଦନା ମାଝୀ ପ୍ରଥମ, ଛାତ୍ରୀ ଇପସିତା ହଂସ ଦ୍ୱିତୀୟ ଏବଂ କ୍ରିଷ୍ଣା ପବ୍ଲିକ ସ୍କୁଲର ଛାତ୍ରୀ ବୈଷ୍ଣବି ତିୱାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରବନ୍ଧ ପ୍ରତିଯୋଗୀତାରେ କୁରେଶ୍ୱର ପଞ୍ଚାୟତ ହାଇସ୍କୁଲର ଛାତ୍ର ଗୋପବନ୍ଧୁ ସଗରିଆ ପ୍ରଥମ, ଦେବ କୁମାର ରଣା ଦ୍ୱିତୀୟ, ଆଦର୍ଶ ବିଦ୍ୟାଳୟର ଛାତ୍ରୀ ମିନତୀ କୈବର୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ ୩ ଗୋଟି ବିଭାଗର ୯ ଜଣଙ୍କ ସହ ୨୧ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମାଜ କୋମନା ପ୍ରତିନିଧି ବିପୁଲ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗୀତାରେ କ୍ରିଷ୍ଣା କବ୍ଲିକ ସ୍କୁଲର ପ୍ରିନସିପାଲ ଏଲ. ବିଜୟ ମାଧବି, ସ୍କୁଲ ପରିଚାଳନା ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ତିୱାରୀ, ଶିକ୍ଷକ ମନୋଜ କୁମାର ଅଦା, ଲୋକନାଥ ଦାସ, ଆଶୁତୋଷ ହୋତା, ସଂପଦ ପଣ୍ଡା, ଶିବାନନ୍ଦ ବନଛୋର, ପ୍ୟାରୀଲାଲ ଦାସ, ଲଳିତ ନିଆଲ, ମଧୁସ୍ମିତା ପାଣିଗ୍ରାହୀ, ଚାନ୍ଦିନୀ ଛତ୍ରୀଆ, ମହିମା ମିଂଚଲ, ବିଭାସିନୀ ମହାପାତ୍ର, ତପସ୍ୱିନୀ ଅଦା, ନନ୍ଦିନୀ ହୋତା, ସରିତା ଯାଦବ, ରଜନୀ ବୈଠାରୁ, ସାହିଦା ଖାତୁନ, ଜଗନ୍ନାଥ ମାଝୀଙ୍କ ସମେତ କ୍ରିଷ୍ଣା ପବ୍ଲିକ ସ୍କୁଲର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ। କୋମନା ସରପଂଚ ତଥା ସ୍କୁଲର ପ୍ରତିଷ୍ଠାତା କ୍ରିଷ୍ଣା ତିୱାରୀ ଉପସ୍ଥିତ ଥିବା ବେଳେ ସଦନ ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବୋଡେନ, ସିନାପାଲି ଓ ନୂଆପଡା ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି।






# ଫ୍ଲିପକାର୍ଟ, 'ବିଗ ବିଲିୟନ ଡେ' ଅବସରରେ ବଡ ଉପକରଣ ଗୁଡିକର ଚାହିଦାକୁ ପୂରଣ କରିବା ପାଇଁ ନିଜ ଯୋଗାଣ ଶୃଙ୍ଖଳରେ ସଂପ୍ରସାରଣ କରିଛି

ବେଙ୍ଗାଲୁରୁ: ଭାରତର ଅଗ୍ରଣୀ ଇ କମର୍ସ ମାର୍କେଟ ପ୍ଲେସ ଫ୍ଲିପକାର୍ଟ ପକ୍ଷରୁ ବିଗ ବିଲିୟନ ଡେ ଅବସରରେ ବଡ ଉପକରଣ ଗୁଡିକର ଚାହିଦା ପୂରଣ କରିବା ସହ ବିଗତ ବର୍ଷ ତୁଳନାରେ ପିନକୋଡ ବ୍ୟାପକତାରେରେ ୮୦ ପ୍ରତିଶତ ବୃଦ୍ଧିର ଘୋଷଣା କରାଯାଇଛି । ଏହି ସମ୍ପ୍ରସାରଣ ସହିତ ଫ୍ଲିପକାର୍ଟ ବର୍ତ୍ତମାନ ସେବା ପ୍ରଦାନ କରୁଥିବା ସମସ୍ତ ପିନକୋଡ ଗୁଡ଼ିକରେ ବଡ଼ ଉପକରଣ ଗୁଡିକର ଡେଲିଭରି କରିବାରେ ସକ୍ଷମ ହେବା ସହ ଦେଶରେ ବୃଦ୍ଧି ପାଉଥିବା ବଡ଼ ଉପକରଣ ଗୁଡିକର ଚାହିଦାକୁ ପୂରଣ କରିବାରେ ସକ୍ଷମ ହେବ । ଏହା ସହ ଫ୍ଲିପକାର୍ଟ ସ୍ୱତନ୍ତ୍ର ଭାବରେ ନିଜର ଟିୟର ୨ ସହର ଏବଂ ତା'ଠାରୁ ଆଗକୁ ନିଜ ପହଞ୍ଚ ବଢାଇବାରେ ସକ୍ଷମ ହୋଇ ପାରିଛି । ବଡ଼ ଉପକରଣ ଗୁଡ଼ିକ ପାଇଁ ବେଙ୍ଗାଲୁରୁରେ ପ୍ରାୟତଃ ୩.୫ ଲକ୍ଷ ବର୍ଗ ଫୁଟ ପରିବ୍ୟାପ୍ତ ଫ୍ଲିପକାର୍ଟ କେନ୍ଦ୍ର ସହ କମ୍ପାନୀ ୨୦୧୮ ତୁଳନାରେ ନିଜ ଡେଲିଭରୀ କ୍ଷମତାରେ ୧୪ ଗୁଣ ବୃଦ୍ଧି କରିଛି । ବଡ ଜିନିଷ କିଣିବା ସହ ଜଡିତ ଆଶଙ୍କାକୁ ଦୂର କରିବା ପାଇଁ ଫ୍ଲିପକାର୍ଟ ପ୍ରାୟ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏକ ଖୋଲା 'ବକ୍ସ ଡେଲିଭରି ବିକଳ୍ପ' ପ୍ରଦାନ କରୁଛି, ଯାହାକି ଉପଭୋକ୍ତାଙ୍କୁ କ୍ଷତି ରହିତ ଉତ୍ପାଦ ପାଇବାକୁ ସୁନିଶ୍ଚିତ କରିବ । ଯେତେବେଳେ ବି ଫ୍ଲିପକାର୍ଟରେ କୌଣସି ବଡ ଉପକରଣ କ୍ରୟ କରାଯାଏ ସେତେବେଳେ ଏହାର ଡେଲିଭରି ଶେଷ ପ୍ରକ୍ରିୟା ହୋଇନଥାଏ । ଫ୍ଲିପକାର୍ଟର ସବୁଠାରୁ ଦ୍ରୁତ 'ଇନଷ୍ଟଲେସନ ପ୍ରମିସ' ଭାରତର ଶ୍ରେଷ୍ଠ ୫୦ଟି ସହରମାନଙ୍କରେ ଡେଲଭରି ଦିନ ଠାରୁ ୪୮ ଘଣ୍ଟା ମଧ୍ୟରେ ନିଶ୍ଚି' ଇନଷ୍ଟଲେସନ ଗାରେଣ୍ଟି ସହ ଆସୁଛି । ଏହି ସଂପ୍ରସାରଣ ସମ୍ପର୍କରେ ଫ୍ଲିପକାର୍ଟର ବରିଷ୍ଠ ଉପାଧ୍ୟକ୍ଷ ଶ୍ରୀ ଅଜୟ ଯାଦବ କହିଛନ୍ତି ଯେ, 'ଫ୍ଲିପକାର୍ଟରେ ଆମେ ବୁଝି ପାରୁଛୁ ଯେ ଲୋକମାନେ ଶୁଭ ଅବସର ଗୁଡ଼ିକ ପାଇଁ ଏକ ବଡ଼ ଧରଣର କିଣାବିକା ପାଇଁ ଯୋଜନା କରିଥାନ୍ତି । ଏହି ପାର୍ବଣ ଅବସରରେ ପୁରା ଦେଶର ସମସ୍ତ ସେବା ପ୍ରଦାନ କରାଯାଇଥିବା ପିନକୋଡ ଗୁଡ଼ିକ ଅର୍ନ୍ତଭୁକ୍ତ କରିଛୁ । ଆମେ ଆନନ୍ଦିତ ଯେ ଏହି ବର୍ଷ ମେଟ୍ରୋରୁ ଟିୟାର-୨ ସହର ପର୍ଯ୍ୟ' ଏବଂ ଏହାର ଆଗକୁ ଯେଉଁମାନେ ପୂର୍ବରୁ ଏକ ବୃହତ କ୍ରମର ଉପକରଣ କ୍ରୟ କରିପାରୁନଥିଲେ ବର୍ତ୍ତମାନ ସେମାନେ ଆମର ସବୁ ପ୍ରକାରର ଉତ୍ପାଦକୁ କ୍ରୟ କରିବାରେ ସମର୍ଥ ହୋଇ ପାରିବେ । ସୀମାହୀନ ଡେଲିଭରୀ ଏବଂ ଇନଷ୍ଟଲେସନ ସମେତ ସହଜ ପେମେଣ୍ଟ ବ୍ୟବସ୍ଥା ସହିତ ଆମର ସଂପ୍ରସାରିତ ପହଞ୍ଚ ମିଳିତ ଭାବେ ଆମର ବିକାଶକୁ ପରିଚାଳିତ କରୁଛନ୍ତି ଏବଂ ଏହି 'ବିଗ ବିଲିୟନ ଡେ'ରେ ଆମର ଗ୍ରାହକ ମାନଙ୍କ ପାଇଁ ଆମେ ଶ୍ରେଷ୍ଠ ଅଫର ନେଇ ଆସିବାର ଲକ୍ଷ୍ୟରେ ରହିଛୁ ।' ଏହି ସଂପ୍ରସାରଣ ହେଉଛି ଦେଶର ସମସ୍ତ ଅଂଶରେ ସୀମାହୀନ କ୍ରୟ ଏବଂ ଡେଲିଭରୀ ଅନୁଭୂତି ପହଞ୍ଚାଇ ଭାରତ ଏବଂ ଇଣ୍ଡିଆକୁ ସଂଯୋଗ କରିବା ଦିଗରେ ଫ୍ଲିପକାର୍ଟର ପ୍ରାରମ୍ଭିକ ପଦକ୍ଷେପର ଏକ ପ୍ରତିଫଳନ । ଏହି 'ବିଗ ବିଲିୟନ ଡେ'ରେ ଛୋଟ ସହରର ଉପଭୋକ୍ତା ମାନେ ସ୍ମାର୍ଟ ଟିଭି, ୱାଶିଂ ମେସିନ ଏବଂ ରେଫ୍ରିଜେରେଟର ଭଳି ବୃହତ ଧରଣର ଉପକରଣ ଗୁଡ଼ିକୁ ସହଜରେ ଉପଲବ୍ଧ କରିପାରିବେ, ଯାହକି ଚାହିଦା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଲ ପ୍ରଦାନକୁ ଦର୍ଶାଉଛି । ବିଗତ କିଛି ବର୍ଷ ଭିତରେ ଯେତେବେଳେ ଆଣ୍ଡ୍ରଏଡ ସ୍ମାର୍ଟଟିଭି ଚାହିଦାରେ ମିଟରରେ ତିନି ଗୁଣ ବୃଦ୍ଧି ହୋଇଥିବାବେଳେ, ଛୋଟ ସହର ଗୁଡ଼ିକରେ ପାଞ୍ଚ ଗୁଣର ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଛି ।

## ଆକ୍ଜୋନୋବେଲ୍ ପକ୍ଷରୁ ଡ୍ୟୁଲକ୍ସ ଆମ୍ବିଆନ୍ସ ଭେଲ୍‌ଭେଟ୍ ଟଚ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ବିଶ୍ୱସ୍ତରରେ ଏକ ଅଗ୍ରଣୀ ପେଣ୍ଟସ ଓ କୋଟିଂ କମ୍ପାନୀ ଏବଂ ଭାରତରେ ଡ୍ୟୁଲକ୍ସ ପେଣ୍ଟସର ନିର୍ମାତା, ଆକ୍‌ଜୋନୋବେଲ୍ ପକ୍ଷରୁ ଡ୍ୟୁଲକ୍ସ ଆମ୍ବିଆନ୍ସ ଭେଲ୍‌ଭେଟ୍ ଟଚ୍‌ର ଶୁଭାରମ୍ଭ କରାଯାଇଛି । ଏହା ଏକ ସ୍ୱତନ୍ତ୍ର ରେଞ୍ଜର ଅତି ଆକର୍ଷଣୀୟ ଇଣ୍ଟେରିଅର୍ ଓ ସ୍ୱତନ୍ତ୍ର ପ୍ରଭାବଯୁକ୍ତ ପେଣ୍ଟସ ଅଟେ, ଯାହା କାରିଗରମାନଙ୍କ ଦ୍ୱାରା ଅନୁପ୍ରାଣିତ । ଡ୍ୟୁଲକ୍ସ ଛଅଟି ସ୍ୱତନ୍ତ୍ର ପ୍ରଭାବଯୁକ୍ତ ପେଣ୍ଟର ଶୁଭାରମ୍ଭ କରିଛି, ଯେପରିକି ଡ୍ୟୁଲକ୍ସ ଆମ୍ବିଆନ୍ସ ମାର୍ବଲ୍, ମେଟାଲିକ୍, ଲିନେନ୍, ସିଲ୍କ, କଲର୍ ମୋସନ୍ ଓ ଡିଜର୍ଟ । ଏହି ସ୍ୱତନ୍ତ୍ର ପ୍ରଭାବଯୁକ୍ତ ପେଣ୍ଟଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନୂତନ ଡିଜାଇନ୍ ଓ ପାଟର୍ଣ୍ଣ ସୃଷ୍ଟି କରିଛନ୍ତି ଏବଂ ଏଗୁଡ଼ିକ କାରିଗରମାନଙ୍କ ଦ୍ୱାରା ଅନୁପ୍ରାଣିତ । ପଟରଙ୍କ ସମ୍ଭାର - କାଦୁଅ ଦ୍ୱାରା ଅନୁପ୍ରାଣିତ, ଷ୍ଟୋନ୍‌ମେସନଙ୍କ ସମ୍ଭାର - ପଥର ଦ୍ୱାରା ଅନୁପ୍ରାଣିତ, ଜୁଏଲର୍ ସମ୍ଭାର - ଅଳଙ୍କାର ଦ୍ୱାରା ଅନୁପ୍ରାଣିତ, କାର୍‌ପେଣ୍ଟର ସମ୍ଭାର କାଠ ଦ୍ୱାରା ଅନୁପ୍ରାଣିତ ଓ ବ୍ଲାକ୍‌ସ୍ମିଥ୍ ସମ୍ଭାର - ଧାତୁ ଦ୍ୱାରା ଅନୁପ୍ରାଣିତ ।

# ଶ୍ରମିକ ଶିକ୍ଷା ଦିବସ ୨୦୧୯




ଭୁବନେଶ୍ୱର : ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ ବିକାଶ ବୋର୍ଡ, ଶ୍ରମ ମନ୍ତ୍ରାଳୟ ଭାରତ ସରକାର, ସିସିଡବ୍ଲୁଡି ଓ ଆକ୍ସନ୍‌ଏଡ୍‌ଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରୋଟାରୀ କ୍ଲବ ସମ୍ମିଳନୀ କକ୍ଷରେ ଶ୍ରମିକ ଶିକ୍ଷା ଦିବସ ପାଳିତ ହୋଇଅଛି । ଉକ୍ତ ସମାରୋହରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରମିକ ବୋର୍ଡ ଦ୍ୱାରା ଶ୍ରମିକମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ । ଆଞ୍ଚଳିକ ନିର୍ଦ୍ଦେଶିକା ଶ୍ରୀମତି ସସ୍ମିତା ଭଟ୍ଟ, ଶ୍ରମିକ ଶିକ୍ଷା ଦିବସର ଆଭିମୁଖ୍ୟ, ତଥା ୬୨ବର୍ଷ ଭିତରେ ଶ୍ରମିକ ଶିକ୍ଷାର କ୍ରମାନ୍ୱୟ ଯାତ୍ରା ଏବଂ ଶ୍ରମିକ ଶିକ୍ଷା ମାଧ୍ୟମରେ ଶ୍ରମ ଜଗତ ପାଇଁ ସରକାରଙ୍କ ବାର୍ତ୍ତା ଜଣାଇଥିଲେ । ଶ୍ରମିକ ଶିକ୍ଷା ଦିବସର ମହତ୍ତ୍ୱ ତଥା ଅଣସଂଗଠିତ ଶ୍ରମିକଙ୍କ ପାଇଁ ଶ୍ରମିକ ଶିକ୍ଷା ବୋର୍ଡର ପ୍ରୟାସକୁ ମୁଖ୍ୟ ବକ୍ତା ଡଃ ଲେନିନ୍ ମହାନ୍ତି ସ୍ୱତନ୍ତ୍ର ପରାମର୍ଶଦାତା ଓଡିଶା ସରକାର ତଥା ଉତ୍କଳ ପ୍ରସଙ୍ଗର ସଂପାଦକ ସାଧୁବାଦ ଜଣାଇବା ସହ ଓଡିଶା ସରକାର ଶ୍ରମିକ ମାନଙ୍କ ପାଇଁ ନେଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ଆକ୍ସନ୍‌ଏଡ୍‌ର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର ଅଣସଂଗଠିତ କ୍ଷେତ୍ରର ଅର୍ଥନୈତିକ ବିକାଶ ଏବଂ ଶ୍ରମିକଙ୍କ ଯୋଗ ଦାନ ବିଷୟରେ ଆଲୋଚନା କରିଥିଲେ । ସିସିଡବ୍ଲ୍ୟୁଡିର ସଂପାଦକ ସଦାଶିବ ସ୍ୱାଇଁ ଅଣସଂଗଠିତ ଶ୍ରମିକମାନଙ୍କର ବିକାଶ ପାଇଁ ଏକତ୍ରିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଅଣସଂଗଠିତ ଶ୍ରମିକ ମଞ୍ଚର ଅଭୟ କୁମାର ପତି, ଜ୍ୟୋସ୍ନାରାଣି ମିଶ୍ର, ଫୁଲମଣି ପାତ୍ର ପ୍ରମୁଖ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ସୂଚନା ପ୍ରଦାନ କରିଥିଲେ ।

## ପୃଥିବୀର ବିଭିନ୍ନ ସୁନ୍ଦର ପାର୍କର ଆନନ୍ଦ ନିଅନ୍ତୁ

ଭୁବନେଶ୍ୱର : ପ୍ରକୃତି ସୁନ୍ଦରତା ମନରେ ସକାରାତ୍ମକ ପ୍ରଭାବ ବିସ୍ତାର କରିଥାଏ । ପ୍ରକୃତି କୋଳରେ ମଣିଷ ଶାନ୍ତି ଏବଂ ଖୁସିର ଝଲକ ପାଇପାରିଥାଏ । ପୃଥିବୀର ବିଭିନ୍ନ ଅଂଚଳରେ ଏଭଳି କିଛି ପାର୍କ ରହିଛି ଯାହାକି ପର୍ଯ୍ୟଟକଙ୍କ ବେଶ୍ ଆନନ୍ଦିତ କରିପାରିଥାଏ । ସେଥିମଧ୍ୟରୁ ସିଡ୍‌ନୀର ରୟାଲ ବଟାନିକ ପାର୍କ ଆଜେଲା ଗାର୍ଡେନ୍ ଅନ୍ୟତମ । ଏହା ନ୍ୟୁ ସାଉଥ୍ ୱେଲସ୍‌ର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର । ୩୦ ହେକ୍ଟର ଜମିରେ ପରିବ୍ୟାପ୍ତ ଏହି ପାର୍କରେ ପୃଥିବୀର ସମସ୍ତ ଅଂଚଳର ଫୁଲଗଛ ରହିଛି । ୧୬୩ ବର୍ଷ ତଳେ ଏଠାରେ ଚାର୍ଲସ୍ ମୋରେ ଚାରା ରୋପଣ କରିଥିଲେ । ଏହା ୧୮୫୬ରେ ନିର୍ମିତ ହୋଇଥିଲା ।ଆମେରିକାର ବ୍ରୋକ୍‌ଲାଇନ୍ ବଟାନିକ ଗାର୍ଡେନ୍ ୧୯୧୦ରେ ୫୨ ଏକର ଜମିରେ ନିର୍ମାଣ କରାଯାଇଥିଲା । ଏଥିରେ ୧୪,୦୦୦ ପ୍ରକାର ବୃକ୍ଷଚାରା ପ୍ରଜାତି ରହିଛି । ଏଠାରେ ଏକ ୱାଟର ଗାର୍ଡେନ୍ ମଧ୍ୟ ରହିଛି । ଏଠାରେ ୨୯୯ରୁ ଅଧିକ ଚେରି ବୃକ୍ଷ ରହିଛି ।ଅଷ୍ଟ୍ରେଲିଆ ମାଉଂଟ୍ ଆନ୍ନାରେ ଥିା ବଟାନିକ ଗାର୍ଡେନ୍ ୨,୦୦୦ବର୍ଗ ମିଟର ଅଂଚଳରେ ପରିବ୍ୟାପ୍ତ । ଏଠାରେ ସେପ୍ଟେମ୍ବର ଏବଂ ଅକ୍ଟୋବରରେ ପର୍ଯ୍ୟଟକଙ୍କର ଗହଳି ରହିଥାଏ । ଏଠାରେ ପିଙ୍କ୍, ହଳଦିଆ ଏବଂ ଧଳା ଫୁଲ ଫୁଟିଥାଏ । ଅଷ୍ଟ୍ରେଲିଆ ଟୋମହା ବ୍ଲୁ ମାଇଂଟେନ୍ ପାର୍କରେ ୫୨୦୦ ପ୍ରଜାତିର ଗଛ ରହିଛି । ଏଠାରେ ଅଗଷ୍ଟ ୨୪ରୁ ଅସେପ୍ଟମ୍ବର ୧ ମଧ୍ୟରେ ଡାଫୋଡିଲ ଫୁଟିଥାଏ ।

# ଭିତ୍ତିଭୂମି ବିକାଶରେ ହିଣ୍ଡାଲ୍‌କୋ ହିରାକୁଦର ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ସମ୍ବଲପୁର ଜିଲ୍ଲାର ହିରାକୁଦ ଅଂଚଳରେ ଭିତିଭୂମିର ବିକାଶ ନିମନ୍ତେ ସ୍ଥାନୀୟ ହିଣ୍ଡାଲ୍‌କୋ କଂପାନି ସବୁ ବେଳେ ସହଯୋଗ କରିଆସୁଛି । ଏହି ଅନ୍ତର୍ଗତ କଂପାନି ଏକ ଟାଉନ ହଲ୍, ବରିଷ୍ଠ ନାଗରିକଙ୍କ ପାଇଁ ଏକ ଗୋଷ୍ଠୀ କେନ୍ଦ୍ର, ଏକ ସବୁଦିନିଆ ପୋଲ ଏବଂ ପାନୀୟ କିଓସ୍କ ନିର୍ମାଣ କରିଛି । ଆଦିତ୍ୟ ବିର୍ଲା ଗ୍ରୁପ୍ କଂପାନିର ପ୍ରମୁଖ ସଂସ୍ଥା ହିଣ୍ଡାଲ୍‌କୋ ସମ୍ବଲପୁର ଆଖପାଖର ଲୋକମାନଙ୍କ ଜୀବନକୁ ଏଭଳି ସ୍ପର୍ଶ କରିଛି ଯାହା ଅନ୍ୟ କେହି କରିପାରିନାହାନ୍ତି । ବାସ୍ତବରେ, ଏହା ହେଉଛି ଆରମ୍ଭ ମାତ୍ର ଏବଂ ଆହୁରି ବହୁତ କିଛି କରିବାର ଅଛି । ଗୋଟିଏ ସାଧାରଣ ବିଷୟ ଏହି ସବୁ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ତାହା ହେଉଛି ଗୋଷ୍ଠୀ ବିକାଶ । ଭିତିଭୂମି ବିକାଶକାରୀମାନେ ସେମାନଙ୍କ କାର୍ଯ୍ୟ ଜାଣିଛନ୍ତି । ଏହାର ପ୍ରତିବଦ୍ଧତାର ଏକ ଜ୍ୱଳ' ଉଦାହରଣ ହେଉଛି ଏହାକ ସ୍ଥାନୀୟ ସମାଜ ଏବଂ ଜିଲ୍ଲା ପ୍ରଶାସନ ସହିତ ମିଶି ସମ୍ବଲପୁରରେ କାର୍ଯ୍ୟ କରୁଛି । ମିସନ୍ ହେଉଛି ? ହିରାକୁଦ ଏବଂ ଏହାର ଆଖପାଖ ଅଂଚଳ ପାଇଁ ଉତମ ଭିତିଭୂମି ବିକଶିତ କରିବା । ରାଜଶ୍ରୀ ବିର୍ଲାଙ୍କ ନେତୃତ୍ୱାଧୀନ ଆଦିତ୍ୟ ବିର୍ଲା ସେଂଟର ଫର କମ୍ୟୁନିଟି ଇନିସିଏଟିଭ୍ ଆଣ୍ଡ୍ ରୁରାଲ୍ ଡେଭେଲପ୍‌ମେଂଟ୍ ଏହି ସହାୟତାର ମୂଳଦୁଆ ସାଜିଛି । କ୍ଷେତ୍ର ଭିତିରେ ପରିବର୍ତନ ଆଣୁଛି ହିଣ୍ଡାଲ୍‌କୋ ହିରାକୁଦ, ଯାହା ଆରମ୍ଭ ହେବା ପରଠାରୁ କରିଥିବା କଲ୍ୟାଣମୂଳକ କାର୍ଯ୍ୟଗୁଡ଼ିକ ସବୁ କଥା କହୁଛି । ସଂଖ୍ୟା କେବେ ମିଛ କହେନି । ହିରାକୁଦ କମ୍ପ୍ଲେକ୍ସର ସାମାଜିକ ପ୍ରକଳ୍ପ ହିରାକୁଦ ଏବଂ ଏହାର ଆଖପାଖ ଅଂଚଳ ବ୍ୟତୀତ ଛଅଟି ଗ୍ରାମରେ ପହଂଚିଛି ଯହାର ଅର୍ଥ ହେଉଛି ୩୩୦୦୦ରୁ ଅଧିକ ଲୋକଙ୍କ ପାଇଁ ଉତମ ଭବିଷ୍ୟତ । ଅନେକ ପ୍ରକଳ୍ପ ମଧ୍ୟରୁ ସାଧାରଣ ଲୋକଙ୍କ ପାଇଁ ୫୦୦ ସିଟ୍‌ର ଟାଉନ୍ ହଲ୍, ହିରାକୁଦର ଗ୍ରାମଗୁଡ଼ିକୁ ସଂଯୋଗ ପ୍ରଦାନ କରିବା ଲାଗି ସବୁଦିନିଆ ପୋଲ, ଗୋଷ୍ଠୀ କେନ୍ଦ୍ରରେ ପାନୀୟ କିଓସ୍କ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ହଲ୍ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ । ହିଣ୍ଡାଲ୍‌କୋର କ୍ଲଷ୍ଟର ମୁଖ୍ୟ ଆର୍ କେ ଗୁପ୍ତା ଗ୍ରୁପ୍‌ର ଅବଦାନ ବିଷୟରେ ବହୁତ ଭଲ ଭାବେ ଜାଣିଛନ୍ତି ଏବଂ କହିଛନ୍ତି ଯେ, 'ହିରାକୁଦ ଟାଉନ୍ ହଲ ଯାହାକୁ ଆମେ ନିର୍ମାଣ କରିଛୁ ଏବଂ ୨୦୧୯ ମାର୍ଚ୍ଚରେ ଜିଲ୍ଲା ପ୍ରଶାସନକୁ ହସ୍ତା'ର କରିଛୁ ତାହ ସହରର ଆବଶ୍ୟକତା ପୂରଣ କରିବ କାରଣ ସାର୍ବଜନୀନ ସଭା ଓ କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ଅନ୍ୟ କୌଣସି ବଡ଼ ହଲ୍ ନାହିଁ । ଏହି ସହଯୋଗ ପାଇଁ ସ୍ଥାନୀୟ ଲୋକମାନେ ହିଣ୍ଡାଲ୍‌କୋକୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ନିଶ୍ଚିତ ରୂପେ ଏହା ଅଣଦେଖା ହୋଇନାହିଁ । ସମ୍ବଲପୁର ମୁନିସପାଲିଟି କର୍ପୋରେସନର ଡେପୁଟି କମିସନର ଶୁଭ୍ରାଂଶୁ ଭୂୟାଁ ଏହାକୁ ସ୍ୱୀକୃତି ଦେଇଛନ୍ତି ।

## ଆମାଜନ ରେ ଭିଭୋ ଲଂଚ କରିବ ନୂଆ ସିରିଜ

ଭୁବନେଶ୍ୱର : ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ଭାରତର ସର୍ବବୃହତ ଅନ୍‌ଲାଇନ ବଜାର ଆମାଜନ ସହ ସହବନ୍ଧନର ଘୋଷଣା କରାଯାଇ ୟୁ-ସିରିଜ ଅନ୍ତର୍ଗତ ୟୁ୧୦ ସ୍ମାର୍ଟଫୋନ ର ଉନ୍ମୋଚନ କରାଯାଇଛି । ଏହାର ଅନ୍‌ଲାଇନ କେନ୍ଦ୍ରୀତ ଜେଡ-ସିରିଜ ର ସଫଳତା ପରେ ଏହି ୟୁ-ସିରିଜ ଗ୍ରାହକ ମାନଙ୍କୁ ସୁହାଇବ ବୋଲି ଆଶା କରାଯାଉଛି । ସର୍ବୋତମ ପ୍ରୋସେସର ସହ ଉଚ୍ଚ ପ୍ରଦର୍ଶନ ଓ ଦୀର୍ଘସ୍ଥାୟୀ ବ୍ୟାଟେରି ପାଇଁ ୟୁ୧୦ ସ୍ମାର୍ଟଫୋନରେ ଫାଷ୍ଟ ଚାର୍ଜିଙ୍ଗ ଇନ ଦ ବକ୍ସ ର ବ୍ୟବହାର କରାଯାଉଛି । ଏହା ଆମାଜନରୁ ମିଳୁଥିବା ଗ୍ରାହକ ସମିକ୍ଷାକୁ ଭିତି କରି ପ୍ରସ୍ତୁତ କରାଯିବ ।ଆମାଜନ ସହ ସହବନ୍ଧନ ସମ୍ବନ୍ଧରେ ସୂଚନା ଦେଇ ଭିଭୋ ଇଣ୍ଡିଆ ର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ, ନିପୁନ୍ ମାରୟା କହିଛନ୍ତି, 'ଆମେ ସାରା ଦେଶର ଗ୍ରାହକ ମାନଙ୍କ ଚାହିଦାକୁ ଲକ୍ଷ ରଖି ଏ ପ୍ରକାର ଅଭିନବ ସ୍ମାର୍ଟଫୋନ ପ୍ରସ୍ତୁତ କରୁଛୁ । ନୂତନ ପିଢି ପାଇଁ ବିଶ୍ୱାସ ଯୋଗ୍ୟ ଏବଂ ଉଚ୍ଚ ପ୍ରଦର୍ଶନକାରୀ ସ୍ମାର୍ଟଫୋନ ଯୋଗାଇ ଦେବାରେ ଆମାଜନ ସହାୟକ ହେବ ।' ଆମାଜନ ଇଣ୍ଡିଆ ର ମୋବାଇଲ ଫୋନ ବର୍ଗର ଅଧିକାରୀ ନିଶା' ସାର୍ଦନା କହିଛନ୍ତି, 'ୟୁ-ସିରଜ ର ମୂଳରେ ରହିଛି ଆମାଜନର ବିଶ୍ଳେଷଣ ଓ ଭିଭୋର ପ୍ରଯୁକ୍ତି, ଉଚ୍ଚ କ୍ଷମତା ପ୍ରଯୁକ୍ତି ବିଶିଷ୍ଟ ୟୁ୧୦ ସ୍ମାର୍ଟଫୋନ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେବ ।

## ଆମାଜନ୍.ଇନ୍ ପକ୍ଷରୁ ଏହାର ଡ଼େଲିଭରୀ ନେଟୱାର୍କରେ ସମ୍ପ୍ରସାରଣ

ଭୁବନେଶ୍ୱର: ପାର୍ବଣ ଋତୁର ଆଗମନରେ, ଆମାଜନ୍.ଇନ୍ ଭାରତର ବିଭିନ୍ନ ଅଂଶରେ ଏହାର ଡ଼େଲିଭରୀ ନେଟୱାର୍କକୁ ସଂପ୍ରସାରିତ କରିବା ନିମନ୍ତେ ଘୋଷଣା କରିଛି । ଏହାର ଡ଼େଲିଭରୀ ସେବା ଅଂଶୀଦାର ନେଟୱାର୍କକୁ ୭୫୦ଟି ସହରରେ ୧୪୦୦ରୁ ଅଧିକ ଷ୍ଟେସନ୍ ସହିତ ସଂପ୍ରସାରଣକୁ ଦୁଇଗୁଣ କରିଛି । ଏହି ସଂପ୍ରସାରଣ ସହିତ ଆମାଜନ୍ ଇଣ୍ଡିଆ ବର୍ତ୍ତମାନ ଏହାର ପ୍ରତ୍ୟକ୍ଷ ଯୋଗାଣ ଉପସ୍ଥିତିକୁ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ଝାଡ଼ଖଣ୍ଡ, ପଶ୍ଚିମ ବଙ୍ଗ ପରି ଅନେକ ରାଜ୍ୟରେ ଦୁଇଗୁଣା ବୃଦ୍ଧି କରିଛି । ଆମାଜନ୍.ଇନ୍ ଏହାର ନୂତନ ଶୁଭାରମ୍ଭ ହୋଇଥିବା କାର୍ଯ୍ୟକ୍ରମ 'ଆଇ ହାବ୍ ସ୍ପେସ୍'ର ସଫଳତା ପରେ ନିବେଶ କରିବା ଜାରି ରଖିଛି, ଯାହାକି ଏହାର ଇ-କମର୍ସ ଇଣ୍ଡଷ୍ଟ୍ରିରେ ପ୍ରଥମ ଅଟେ । ୩୫୦ଟି ସହରରେ ଉପସ୍ଥିତ ୨୩,୦୦୦ କ୍ଷୁଦ୍ର ବ୍ୟବସାୟ ଓ ରିଟେଲ୍ ଷ୍ଟୋର୍‌ର ଏହି ନେଟୱାର୍କ କମ୍ପାନୀ ପାଇଁ ଏକ ସ୍ୱତନ୍ତ୍ର ମାନର ଡ଼େଲିଭରୀ ନେଟୱାର୍କ ବଜାୟ ରଖୁଛି । କମ୍ପାନୀ ଜୁନ୍ ୨୦୧୯ରେ ଭାରତର ବାଙ୍ଗାଲୋର୍, ମୁମ୍ବାଇ ଓ ଦିଲ୍ଲୀରେ ଏହାର ଆମାଜନ୍ ଫ୍ଲେକ୍ସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଆମାଜନ୍ ଫ୍ଲେକ୍ସ ସମସ୍ତଙ୍କୁ ମାଲିକ କାରାଇବାରେ ସାହାଯ୍ୟ କରୁଛି, ଯାହା ସେମାନଙ୍କୁ ସେମାନଙ୍କର ନିଜର ସାରଣୀ ପ୍ରସ୍ତୁତ କରିବାରେ ଓ ଆମାଜନ୍ ପ୍ୟାକେଜ୍ ଯୋଗାଣ କରି ଘଣ୍ଟାକୁ ୧୨୦ରୁ ୧୪୦ ଟଙ୍କା କମାଇବା ନିମନ୍ତେ ସହାୟକ ହେଉଛି । ୩ ମାସର ସମୟ ଅବଧି ମଧ୍ୟରେ, ଏହି କାର୍ଯ୍ୟକ୍ରମ ୭ଟି ସହରରେ ପ୍ରସାର ଲାଭ କରିପାରିଛି, ଯାହା ଏହି ପାର୍ବଣ ଋତୁରେ ଚମତ୍କାର ଚାହିଦା ଆଶା କରୁଛି ।

# ରିଅଲ୍‌ମି ପକ୍ଷରୁ ପ୍ରଥମ ୬୪ ଏମ୍‌ପି କ୍ୱାଡ଼ କ୍ୟାମେରା ଫୋନ୍ ରିଅଲ୍‌ମି ଏକ୍ସଟି

ଭୁବନେଶ୍ୱର: ରିଅଲ୍‌ମି ପକ୍ଷରୁ ଦେଶର ପ୍ରଥମ ୬୪ ଏମ୍‌ପି କ୍ୱାଡ଼ କ୍ୟାମେରା ଫୋନ୍ ରିଅଲ୍‌ମି ଏକ୍ସଟିର ଶୁଭାରମ୍ଭ କରାଯାଇଛି । ରିଅଲ୍‌ମି ଏକ୍ସଟି ରିଅଲ୍‌ମିର ଏକ୍ସ ସିରିଜ୍‌ର ଏକ ଅଂଶ ଅଟେ, ଯାହା ରିଅଲ୍‌ମିର ପ୍ରମୁଖ ଗ୍ରାହକ ମାନଙ୍କୁ ଏକ ଆକର୍ଷଣୀୟ କ୍ୱାଡ଼ କ୍ୟାମେରା ଅନୁଭୂତି ପ୍ରଦାନ କରିବା ପାଇଁ 'ଇମେଜିଂ ଲିପ୍' ଗ୍ରହଣ କରିଛି । ଏହି ବ୍ରାଣ୍ଡ ମଧ୍ୟ ଏହାର ଉପକରଣ ସୃଙ୍ଖଳରେ ସଂପ୍ରସାରିତ କରିଛି, ଯେଉଁଥିରେ ରହିଛି ରିଅଲ୍‌ମି ବଡ୍‌ସ ଓ୍ୱାର୍‌ଲେସ୍ ଇଅର୍‌ଫୋନ୍ ଓ ରିଅଲ୍‌ମି ପାୱାର୍ ବ୍ୟାଙ୍କ । କ୍ୱାଡ଼ କ୍ୟାମେରା ରିଅଲ୍‌ମି ଏକ୍ସଟିରେ ରହିଛି ୪-ଇନ୍-୧ ଆକର୍ଷଣୀୟ ପିକ୍ସେଲ୍ ବିନିଂ, ଏଫ୍/୧.୮ ବୃହତ ଅପେରଚର୍ ଓ ଶୁଭାରମ୍ଭ ସ୍ତରର ଫଟୋଗ୍ରାଫି ପ୍ରଦାନ କରିବା ପାଇଁ ଚମତ୍କାର ଆଲୋକ-ଏକତ୍ରିକରଣତା ପ୍ରଦାନ କରୁଥିବା ୬ପି ଲେନ୍ସ । ଶକ୍ତିଶାଳୀ ୧୦ ଏମ୍‌ଏମ୍ ଅକ୍ଟା କୋର୍ ସ୍ନାପ୍‌ଡ୍ରାଗନ୍ ୭୧୨ ଏଆଇଇ ପ୍ରୋସେସର୍ ସହିତ ଏଥିରେ ୨.୩ ଜିଗାହର୍ଜ ସିପିୟୁ ରହିଛି ଏବଂ ଏଥିରେ ଥିବା ତୃତୀୟ ପିଢ଼ି ଏଆଇ ଇନ୍ ଏଆଇ କମ୍ପ୍ୟୁଟିଂକୁ ତ୍ୱରାନ୍ୱିତ କରୁଛି । ଏହା ମଧ୍ୟ କ୍ୱାଲକମ୍ ଆଡ୍ରେନୋ ୬୧୬ ଜିପିୟୁ ଧାରଣ କରିଛି, ଯାହା ବ୍ୟବହାରକାରୀଙ୍କୁ ଚିତାକର୍ଷକ କାର୍ଯ୍ୟଦକ୍ଷତା, ତ୍ୱରିତ ଗେମିଂ ଓ ମନୋରଜନ ଅନୁଭୂତି ପ୍ରଦାନ କରିଥାଏ । ରିଅଲ୍‌ମି ଏକ୍ସଟିରେ ଗରିଲା ଗ୍ଲାସ୍ ୫ ହଟ୍ ବେଣ୍ଡିଂ ଜ୍ଞାନକୌଶଳକୁ ବ୍ୟବହାର କରାଯାଇଥିବା ୩ଡି ଗ୍ଲାସ୍ ହାଇପରବୋଲା କର୍ଭ ବ୍ୟାକ୍ ଡିଜାଇନ୍ ରହିଛି, ଯାହାର ୯୨.୧% ସ୍କ୍ରିନ୍-ଟୁ-ବଡି ରେସିଓ ରହିଛି । ରିଅଲ୍‌ମି ଏକ୍ସଟିର ଅତ୍ୟାଧୁନିକ ଇନ୍-ଡିସ୍‌ପ୍ଲେ ଫିଙ୍ଗରପ୍ରିଣ୍ଟ ଜ୍ଞାନକୌଶଳ- ଗୁଡିକ୍ସ ଜି୩.୦ ଫିଙ୍ଗରପ୍ରିଣ୍ଟ ଅନ୍‌ଲକ୍ ସମାଧାନ ବଜାରରେ ଦୃତତମ ଅନ୍‌ଲକ୍ ସ୍ପିଡ଼ ପ୍ରଦାନ କରୁଛି । ରିଅଲ୍‌ମି ଏକ୍ସଟି ଆଣ୍ଡ୍ରଏଡ୍ ୯.୦ କଲର୍ ଓଏସ୍ ଅପରେଟିଂ ସିଷ୍ଟମ୍ ଦ୍ୱାରା ପରିଚାଳିତ, ଯେଉଁଥିରେ ୪୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ରହିଛି ଏବଂ ଏହା ୨୦ୱାଟ୍ ଭୋକ୍ ୩.୦ ଫ୍ଲାସ୍ ଚାର୍ଜ ସହିତ ଦୃତ ଚାର୍ଜିଂ ପ୍ରଦାନ କରୁଛି । ରିଅଲ୍‌ମି ଏକ୍ସଟି ଦୁଇଟି ରଙ୍ଗ ପର୍ଲ ହ୍ୱାଇଟ୍ ଓ ପର୍ଲ ବ୍ଲୁରେ ଉପଲବ୍ଧ ହେଉଛି ଓ ଏହାର ତିନୋଟି ଭ୍ୟାରିଆଣ୍ଟ ରହିଛି । ୪+୬୪ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୧୫୯୯୯ ଟଙ୍କା, ୬+୬୪ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୧୬୯୯୯ ଟଙ୍କା ଓ ୮+୧୨୮ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୧୮୯୯୯ ଟଙ୍କା ରହିଛି । ରିଅଲ୍‌ମି ଏକ୍ସଟିର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, ଏହାର ୬୪ଏମ୍‌ପି ଅଲଟ୍ରା ହାଇ-ରିଜୋଲ୍ୟୁସନ୍ କ୍ୟାମେରା, ଯେଉଁଥିରେ ସ୍ମାର୍ଟଫୋନ୍‌ରେ ଆଗରୁ କେବେ ଦେଖାଯାଇ ନଥିବା ସର୍ବୋଚ୍ଚ ରିଜୋଲ୍ୟୁସନ୍ ସେନ୍ସର୍ ରହିଛି । କ୍ୱାଡ଼ କ୍ୟାମେରା ସେଟ୍-ଅପ୍ ୯୨୧୬ ଘ ୬୯୧୨, ଅଲଟ୍ରା ୬୪ ମଏପି ମୋଡ଼ ମାଧ୍ୟମରେ ସର୍ବାଧିକ ଭାବେ ଡିଟେଲ୍ ଓ ସୁପର୍-ସ୍କ୍ରିପ୍ ରିଜୋଲ୍ୟୁସନ୍ ଫଟୋ ପ୍ରଦାନ କରୁଛି । ଅତୁଳନୀୟ କ୍ୟାମେରା ଅନୁଭୂତିକୁ ନିଶ୍ଚିତ କରିବା ପାଇଁ ରିଅଲ୍‌ମି ପ୍ରମୁଖ ଜାତୀୟ ଭୌଗୋଳିକ ଫଟୋଗ୍ରାଫର୍, ଆରନ୍ ହୁୟେଙ୍କ ସହିତ ସହଯୋଗିତା କରିଛି, ଯିଏ ରିଅଲ୍‌ମିର ମୁଖ୍ୟ ଫଟୋଗ୍ରାଫି ନିର୍ଦ୍ଦେଶକ । ସେ ସମୁଦ୍ର, ପାହାଡ଼, ଜଙ୍ଗଲ ଓ ସହରର ଚିତ୍ରକୁ ଉତ୍ତୋଳନ କରିବା ନିମନ୍ତେ କ୍ୟାମେରାକୁ ଟ୍ୟୁନିଂ କରିବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ମତାମତ ଓ ପରାମର୍ଶ ପ୍ରଦାନ କରୁଛନ୍ତି । ଏହି ଅବସରରେ, ଶ୍ରୀଯୁକ୍ତ ମାଧବ ସେଠ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରିଅଲ୍‌ମି ଇଣ୍ଡିଆ ପ୍ରକାଶ କରିଛନ୍ତି, 'ଭାରତର ପ୍ରଥମ ୬୪ଏମ୍‌ପି କ୍ୱାଡ଼ କ୍ୟାମେରା ସ୍ମାର୍ଟଫୋନ୍ ଭାବେ ରିଅଲ୍‌ମି ଏକ୍ସଟି ସହିତ ଆଉ ଏକ ବିଭାଗର ଶୁଭାରମ୍ଭକରି ଆମେ ଅତ୍ୟ' ଉତ୍ସାହିତ, ଯାହା ବଜାରକୁ ଅସିମୀତ ସୁଟିଂ ଅନୁଭୂତି, ଉତ୍ସାହ ପ୍ରଦାନ କରୁଛି । ଆମର 'ଡେଆର୍ ଟୁ ଲିପ୍' ଦର୍ଶନତା ଅଧିକ ବଜେଟ୍ ସେଗମେଣ୍ଟ ମଧ୍ୟକୁ ଅଭିନବ ଶୁଭାରମ୍ଭ ଅନୁଭୂତି ଆଣିଛି ଏବଂ ରିଅଲ୍‌ମି ଏକ୍ସଟି ଅସିମୀତ କ୍ୟାମେରା ଅନୁଭୂତି ସହିତ ଆମର ଦର୍ଶନକୁ ଏକ ଇଚ୍ଛାପତ୍ର ଅଟେ ।

# ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର ଜୟନ୍ତୀ ଅବସରରେ ଭୁବନେଶ୍ୱରରେ ମାଗଣା ଆୟୁର୍ବେଦିକ ପରାମର୍ଶ



ଭୁବନେଶ୍ୱର: ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ଅବସରରେ ଜିଭା ଆୟୁର୍ବେଦର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଡକ୍ଟର ପ୍ରତାପ ଚୌହ୍ୱାନ ଭୁବନେଶ୍ୱରର ରାଜ୍ୟ ସୂଚନା ଭବନ, ଜୟଦେବ ଭବନରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀମାନଙ୍କୁ ସମ୍ବୋଧିତ କରିଥିଲେ । ରାଜଧାନୀରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ୮୦୦ରୁ ଅଧିକ ବ୍ୟକ୍ତିଙ୍କୁ ଶ୍ରୀ ଚୌହ୍ୱାନ ଅଭିଭାଷଣ ଦେଇଥିଲେ । ସେ ସତ୍‌ସଙ୍ଗ ଅନୁଷ୍ଠାନର ଅବଦାନ ସମ୍ପର୍କରେ ବିସ୍ତାର ସହ ବର୍ଣ୍ଣନା କରିଥିଲେ ଏବଂ ଆଧ୍ୟାତ୍ମିକତାର ଜ୍ୱଳନ୍ତ ଉଦାହରଣ ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କୁ ନିଜର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ଅପରାହ୍ନରେ ଡକ୍ଟର ଚୌହ୍ୱାନ ଜିଭା କ୍ଲିନିକ୍‌ରେ ଅନ୍ୟ ଡାକ୍ତରମାନଙ୍କ ସହ ସତ୍‌ସଙ୍ଗ ଅନୁଷ୍ଠାନର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟଗତ ପରାମର୍ଶ ଦେବା ସହ ଔଷଧ ପ୍ରଦାନ କରିଥିଲେ । ଭୁବନେଶ୍ୱରର ମାଷ୍ଟର କ୍ୟାଂଟିନ୍‌ର ଦୀନଦୟାଲ୍ ଭବନରେ ଥିବା ଜିଭା ଆୟୁର୍ବେଦିକ କ୍ଲିନିକ୍‌ରେ ମଧ୍ୟ ସେ ରୋଗୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ବିଗତ ଏକ ବର୍ଷ ଧରି ଜିଭା ଆୟୁର୍ବେଦ ଭୁବନେଶ୍ୱର ଏବଂ ସମଗ୍ର ଓଡ଼ିଶାବାସୀଙ୍କୁ ଆୟୁର୍ବେଦ ଚିକିତ୍ସା, ଔଷଧ ତଥା ସାଧାରଣ ସ୍ୱାସ୍ଥ୍ୟଗତ ପରାମର୍ଶ ଯୋଗାଇ ଆସିଛି ।

# ୟୁଟିଆଇ ଇକ୍ୟୁଟି ଫଣ୍ଡର ଅଭିବୃଦ୍ଧିଶୀଳ ବ୍ୟବସାୟ

ଭୁବନେଶ୍ୱର : ସଫଳ ପୁନିବେଶ ପାଇଁ ପ୍ରଥମ ସୋପାନ ହେଲା ଏକ ବାସ୍ତବମୁଖୀ ଆର୍ଥିକ ଲକ୍ଷ୍ୟ ସ୍ଥିର କରିବା । ପୁନିବେଶ କ୍ଷେତ୍ର ସଂପର୍କରେ ସଠିକ୍ ଭାବେ ଅବଗତ ହୋଇପାରିଲେ ଏହା ଆପଣଙ୍କ ଲକ୍ଷ୍ୟ ହାସଲରେ ସହାୟକ ହୋଇପାରିବ । ଆପଣଙ୍କ ଦୀର୍ଘ ମିଆଦୀ ବା ସ୍ୱଳ୍ପ ମିଆଦୀ ନିବେଶ ପାଇଁ ମ୍ୟୁଚୁଆଲ ଫଣ୍ଡ ଉତ୍ତମ ହୋଇପାରେ, କିନ୍ତୁ ଏହାର ସଫଳତା ଆପଣ କିପ୍ରକାର ପ୍ଲାନ ପସନ୍ଦ କରୁଛନ୍ତି ତାହା ଉପରେ ନିର୍ଭର କରେ । ଏହି ପରିପ୍ରେକ୍ଷୀରେ ୟୁଟିଆଇ ଇକ୍ୟୁଟି ଫଣ୍ଡ ବୃହତ, ମଧ୍ୟମ ଓ କ୍ଷୁଦ୍ର ଷ୍ଟକରେ ନିବେଶ କରିଥାଏ । ଏହା ଏକ ଉନ୍ମୁକ୍ତ ଇକ୍ୟୁଟି ଯୋଜନା । ଏହାର ମୂଳଜମା ପରିମାଣ ୯୦୦୦ କୋଟି ଟଙ୍କା ଏବଂ ଗତ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏହାର ବିଶ୍ୱସନୀୟ ନିବେଶକାରୀଙ୍କ ସଂଖ୍ୟା ୧୨ ଲକ୍ଷ । ଯଦି କେହି ଦୀର୍ଘ ମିଆଦୀ ସୂତ୍ରରେ ପୁନିବେଶ ପାଇଁ ଚାହୁଁଥିବେ ତାହାଲେ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନୂଆ ଯୋଜନା ଏଦିଗରେ ସହାୟକ ହୋଇପାରିବ । ୟୁଟିଆଇ ଇକ୍ୟୁଟି ଫଣ୍ଡର ସଫଳତା ହେଲା ଶକ୍ତିଶାଳୀ ପୁନିବେଶ ଦର୍ଶନ । ଏହି ନିବେଶ ମାନ, ଅଭିବୃଦ୍ଧି ଓ ମୂଲ୍ୟକୁ ନେଇ ହୋଇଥାଏ । ଏକ ଅଭିଜ୍ଞ ପରିଚାଳନାରେ ରହି ଦୀର୍ଘ ମିଆଦୀ ଭାବେ ଦୃଢ଼ ଅଭିବୃଦ୍ଧି ସାଧନ କରିପାରୁଥିବା ଉଚ୍ଚମାନର ବ୍ୟବସାୟରେ ୟୁଟିଆଇ ଇକ୍ୟୁଟି ଫଣ୍ଡ ଦୃଷ୍ଟି ନିବଦ୍ଧ କରିଥାଏ । 'ମାନ' ହିଁ ଦୀର୍ଘ ମିଆଦୀ ଭିତ୍ତିରେ ଉଚ୍ଚ ମୂଲ୍ୟ ପ୍ରଦାନ କରିବାରେ ସହାୟକ ହୋଇଥାଏ । ଉଚ୍ଚ ମାନର ବ୍ୟବସାୟ ଦୁଃସମୟରେ ମଧ୍ୟ ଉଚ୍ଚ ଆରଓସିଇ ଓ ଆରଓଇ ପ୍ରଦାନ କରିଥାଏ ।ଉଚ୍ଚ ଆରଓସିଇ ଓ ଆରଓଇରେ ଉତ୍ତମ ନଗଦ ଅର୍ଥ ପ୍ରବାହ ହୋଇଥାଏ । ଏହି ଅର୍ଥ ପ୍ରବାହ ହିଁ ଆର୍ଥିକ ମୂଲ୍ୟ ସୃଷ୍ଟିର ଉତ୍ସ ହୋଇଥାଏ । କୌଣସି ବ୍ୟବସାୟରେ ଦୀର୍ଘମିଆଦୀ ସାମଗ୍ରୀକ ଅଭିବୃଦ୍ଧିକୁ ହିଁ 'ଅଭିବୃଦ୍ଧି' ଭାବେ ବିବେଚନା କରାଯାଇଥାଏ । ଏହା ଚକ୍ରାକାର ଅଣଆକଳିତ ଅଭିବୃଦ୍ଧି ନୁହେଁ । ଏହି ଅଭିବୃଦ୍ଧି ଆକଳିତ ତଥା ସ୍ଥିର ହୋଇଥାଏ । ଚକ୍ରାକାର ବା ନିମ୍ନମୁଖୀ ଅଭିବୃଦ୍ଧି କ୍ଷୀପ୍ର ହୋଇଥାଏ ଯାହା ନିବେଶକଙ୍କୁ ଉଭୟ ଦିଗରୁ ଆଶ୍ଚର୍ଯ୍ୟାନ୍ୱିତ କରିଥାଏ । କିନ୍ତୁ ସାମଗ୍ରୀକ ଅଭିବୃଦ୍ଧିରେ ପ୍ରାୟତଃ ଭବିଷ୍ୟତ ଆଶାଆକାଂକ୍ଷା ସୁରକ୍ଷିତ ରହିପାରିଥାଏ । ଏକ ଉଚ୍ଚ ମାନର ବ୍ୟବସାୟ ଆର୍ଥିକ ମୂଲ୍ୟ ସୃଷ୍ଟି କରିଥାଏ ଏବଂ ଉଚ୍ଚ ଅଭିବୃଦ୍ଧିଶୀଳ ବ୍ୟବସାୟ ଆର୍ଥିକ ମୂଲ୍ୟକୁ ବୃଦ୍ଧି କରିଥାଏ । ଏହି କାରଣରୁ ମାନ ଓ ଅଭିବୃଦ୍ଧି ଥିବା ଷ୍ଟକ ନିବେଶକମାନେ ଖୋଜିଥାନ୍ତି । ପୁନିବେଶ ଦର୍ଶନର ଶେଷ ସ୍ତମ୍ଭ ହେଲା 'ମୂଲ୍ୟାୟନ' । ବଡ଼ କାରବାରରେ ପ୍ରବେଶ ସମୟରେ ମୂଲ୍ୟାୟନ ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଷ୍ଟକରେ ପ୍ରବେଶ ପୂର୍ବରୁ ଜଣେ ଏ ଦିଗରେ ଅତ୍ୟନ୍ତ ସତର୍କ ହେବା ଆବଶ୍ୟକ । ଯଦିଓ ପ୍ରାଇସ୍ ଟୁ ଇର୍ଣ୍ଣିଂ (ପି/ଇ) ମଲଟିପୁଲ ମୂଲ୍ୟ ବୁଝାମଣା ପାଇଁ ଏକ ଉତ୍ତମ ଆରମ୍ଭ କିନ୍ତୁ ମୂଲ୍ୟାୟନ କୌଶଳରେ ଏହା ଅବୁଝା ହୋଇ ରହିଛି । ଉଚ୍ଚ ଅରଓସିଇ ଓ ଉଚ୍ଚ ଅଭିବୃଦ୍ଧିଶୀଳ ବ୍ୟବସାୟ ଉଚ୍ଚ ପି/ଇ ଆଶା କରେ । ଏଥିରେ ଦୀର୍ଘ ମିଆଦୀ ଭିତ୍ତି ତଥା ବ୍ୟବସାୟିକ ନିୟମ ଦୃଷ୍ଟିରୁ ନିବେଶ ଉତ୍ତମ । କିନ୍ତୁ ପି/ଇ ସିଦ୍ଧା' ଗ୍ରହଣ ପୂର୍ବରୁ ପ୍ରତି ବ୍ୟବସାୟର ଚରିତ୍ର ସତର୍କତାର ସହ ଅନୁଧ୍ୟାନ କରାଯିବା ଆବଶ୍ୟକ । ଏହା ପରେ ଏହାର ମୂଲ୍ୟ ସ୍ଥିର କରାଯିବା ଆବଶ୍ୟକ । ୟୁଟିଆଇ ଇକ୍ୟୁଟି ଫଣ୍ଡ ବଜାଜ ଫାଇନାନ୍ସ ଲିମିଟେଡ୍, ଏଚଡ଼ିଏଫସି ବ୍ୟାଙ୍କ ଲିମିଟେଡ୍, ଏଚଡ଼ିଏଫସି ଲିମିଟେଡ଼, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼, ଟିସିଏସ୍ ଲିମିଟେଡ଼, ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ ଲିମିଟେଡ଼, ଇନଫୋସିସ୍ ଲିମିଟେଡ଼, ଏଲ ଏଣ୍ଡ ଟି ଇନଫୋଟେକ୍ ଲିମିଟେଡ଼, ଇନଫୋ (ଏଜ) ଇଣ୍ଡିଆ ଲିମିଟେଡ଼, ଆଷ୍ଟ୍ରାଲ ପଲିଟେକନିକ୍ ଲିମିଟେଡ଼ରେ ପୁ ନିବେଶ କରିଥାଏ । ଗତମାସ ୩୧ ତାରିଖ ସୁଦ୍ଧା ଫଣ୍ଡର ୪୫% ପୁ ଏହି ସଂସ୍ଥାରେ ନିବେଶ ହୋଇଥାଏ । ଦୀର୍ଘ ମିଆଦୀ ପୁ ଅଭିବୃଦ୍ଧି ଚାହୁଁଥିବା ନିବେଶକାରୀଙ୍କ ପାଇଁ ୟୁଟିଆଇ ଇକ୍ୟୁଟି ଫଣ୍ଡ ଉତ୍ତମ ଅଟେ । ଏଥିରେ ଆର୍ଥିକ ମୂଲ୍ୟ ସୃଷ୍ଟି ହୋଇପାରିଥାଏ । ସ୍ୱଳ୍ପ ମିଆଦୀରେ ନିବେଶକାରୀ ୫ ରୁ ୭ ବର୍ଷ ପାଇଁ ପୁନିବେଶ କରି ଦୀର୍ଘମିଆଦୀ ନିବେଶର ସୁଫଳ ପାଇପାରିବେ । ତେଣୁ ଜନସାଧାରଣ ଏହାକୁ ବିଚାରକୁ ନେଇପାରିବେ ।

## ବିଦେଶୀ ମେଡ଼ିକାଲ୍ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବ ସିବନ ହସ୍ପିଟାଲ୍

ଭୁବନେଶ୍ୱର : ପଶ୍ଚିମ ବଙ୍ଗର ଏକ ବୃହତ ତଥା ସୁପରିଚିତ ହସ୍ପିଟାଲ୍ ଭାବେ ଜଣାଶୁଣା ସିବନ ହସ୍ପିଟାଲ୍ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ସ ଏକ୍‌ଜାମିନେସନ୍ (ଏଫ୍‌ଏମ୍‌ଜିଇ) ତାଲିମ୍ ଅଧିବେଶନର ଆୟୋଜନ କରୁଛି, ଯେଉଁଥିରେ ଚାଇନା, ଋଷିଆ, କିର୍ଜୀସ୍ତାନ ଓ ବାଙ୍ଗଲାଦେଶ ପମୁଖ ଦେଶମାନଙ୍କ ମେଡ଼ିକାଲ୍ ଛାତ୍ରଛାତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ ସିବନ ହସ୍ପିଟାଲ୍ ମେଡ଼ିକାଲ୍ ଶିକ୍ଷା, ପାରାମେଡ଼ିକାଲ୍ ତାଲିମ ଓ ନର୍ସିଂ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ବହନ କରୁଛି ।ଏହି ହସ୍ପିଟାଲ୍ ଲିଙ୍କଲନ୍ ୟୁନିଭର୍ସିଟି କଲେଜ୍ (ଏଲ୍‌ୟୁସି), ମାଲେସିଆ ସହ ଡକ୍ଟର ଅଫ୍ ମେଡ଼ିସିନ୍ (ଏମ୍‌ଡି) ପାଠ୍ୟକ୍ରମ ନିମନ୍ତେ ସହବନ୍ଧିତା କରିଛି, ଯେଉଁ ପାଠ୍ୟକ୍ରମ ଭାରତରେ ଏମ୍‌ବିବିଏସ୍ ସହିତ ସମାନ ଅଟେ । ଏଥିରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରୀକ୍ଷା, ଯେପରିକି- ଏଫ୍‌ଏମ୍‌ଜିଇ/ନେକ୍ସ୍ଟ, ୟୁଏସ୍‌ଏମ୍‌ଏଲଇ, ପିଏଲ୍‌ଏବି ଆଦି ନିମନ୍ତେ ତାଲିମ ପ୍ରଦାନ କରାଯିବ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray